## ଶିଶୁ ଚିତ୍ରକଳା ପ୍ରଦର୍ଶନୀ ଉଦ୍‌ଘାଟିତ



**ଭବାନୀପାଟଣା, ୧୪ ।୧୧(ସମିସ):** ମହାବୀର ମହୋତ୍ସବ-୨୦୨୪ ଅବସରରେ ସର୍ବଭାରତୀୟ ଶିଶୁ ଚିତ୍ରକଳା ପ୍ରଦର୍ଶନୀ ଉଦ୍‌ଘାଟିତ ହୋଇଯାଇଛି। ମହାବୀର ସାଂସ୍କୃତିକ ଅନୁଷ୍ଠାନ ଏବଂ କଳାହାଣ୍ଡି ଆରର୍ଟ ଫାଉଣ୍ଡେସନର ମିଳିତ ଉଦ୍ୟମରେ ଆୟୋଜିତ ଏହି ଚିତ୍ରକଳା ପ୍ରଦର୍ଶନୀରେ ଦେଶର ବିଭିନ୍ନ ଅଞ୍ଚଳରୁ ପ୍ରାୟ ୨୫ ହଜାରରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଭାଗନେଇଛନ୍ତି। ସପ୍ତାହବ୍ୟାପି ଆୟୋଜିତ ମହାବୀର ମହୋତ୍ସବ କାର୍ଯ୍ୟକ୍ରମରେ ଅତିଥି ଭାବରେ ଓଡ଼ିଶା ଲଳିତ କଳା ଏକାଡେମୀର ପୂର୍ବତନ ସମ୍ପାଦକ ପଞ୍ଚାନନ ସାମଲ, ପିଏମ୍ ଶ୍ରୀ ମୁନିସିପାଲ ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଇଲାରାଣୀ ମହାନ୍ତି ଯୋଗ ଦେଇଥିଲେ। ବର୍ଷିୟାନ ଚିତ୍ରଶିଳ୍ପି ତଥା ରାଜ୍ୟପାଳ ପୁରସ୍କାର ପ୍ରାପ୍ତ ଶିକ୍ଷକ ପ୍ରଭାସ ଚନ୍ଦ୍ର ମିଶ୍ର ସଭାପତିତ୍ୱ କରିଥିଲେ। ମୁକୁନ୍ଦ ରେ‡ୀ ଓ ଗୋବିନ୍ଦ ରେ‡ୀ ପରିଚାଳନା କରିଥିଲେ। ମହାବୀର ଅନୁଷ୍ଠାନର ସଭାପତି ଶାନ୍ତନୁ ବେହେରା, ସମ୍ପାଦକ ସତ୍ୟନାରାୟଣ ସିଂହ, ଉପସଭାପତି ସଞ୍ଜୟ କୁମାର, ଯୁଗ୍ମ ସମ୍ପାଦକ ସଞ୍ଜୀବ କୁମାର ସିଂହ ସହଯୋଗ କରିଥିଲେ। ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା ଶ୍ରେଷ୍ଠ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।

## ମ.ରାମପୁର ଶ୍ରୀ ଜଗନ୍ନାଥ ମନ୍ଦିରରେ ଛପନ ଭୋଗ



**ମ.ରାମପୁର, ୧୪ ।୧୧(ସମିସ):** କଳାହାଣ୍ଡି ଜିଲ୍ଲା ମ.ରାମପୁର ଶ୍ରୀ ଜଗନ୍ନାଥ ମନ୍ଦିରରେ ଶ୍ରୀ ଶ୍ରୀ ଜଗନ୍ନାଥ, ମହାଲକ୍ଷ୍ମୀ ଓ ତୁଳସୀ ଦେବୀଙ୍କଠାରେ ଶ୍ରୀ ଜଗନ୍ନାଥ ପରିଚାଳନା କମିଟି ତରଫରୁ ଛପନ ଭୋଗ ଲାଗି କରାଯାଇଛି। ନର୍ଲା ବିଧାୟିକା ମନୋରମା ମହାନ୍ତି ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ମନ୍ଦିର ପରିଚାଳନା କମିଟିର କେଦାର ମହାରଣା ଓ ପ୍ରକାଶ ଚନ୍ଦ୍ର ସାହୁଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ସମ୍ପାଦିତ ହୋଇଥିଲା। ମନ୍ଦିର ପୂଜକ ଅଶୋକ ତ୍ରିପାଠୀ, ତ୍ରିଲୋଚନ ଦାସ ଓ ଯୁଗଳ କିଶୋର ପ୍ରହରାଜ ପୂଜାରେ ନିୟୋଜିତ ଥିଲେ। ଜଗନ୍ନାଥ ସାହୁ, କେଦାର ମହାରଣା, ପ୍ରକାଶ ଚନ୍ଦ୍ର ସାହୁ, ନବୀନ ଅଗ୍ରୱାଲ, ସୁବାସ ପଣ୍ଡା, ସୁରେନ୍ଦ୍ର ସାହୁ, ଧୀରେନ୍ଦ୍ର, ଆକାଶ ତ୍ରିପାଠୀ, ପ୍ରଶାନ୍ତ ସାମନ୍ତରା, ସନ୍ତୋଷ ପାଣିଗ୍ରାହୀ ପ୍ରମୁଖ ସହଯୋଗ କରିଥିଲେ।

## ପିଇଓଙ୍କ ବଦଳି ବାତିଲ ପାଇଁ ଦାବି



**କୋକସରା, ୧୪ ।୧୧(ସମିସ):** କଳାହାଣ୍ଡି ଜିଲ୍ଲା କୋକସରା ସଦର ପଞ୍ଚାୟତର ୱାର୍ଡ଼ ସଭ୍ୟ ସଭ୍ୟା ଗୁରୁବାର ଏକତ୍ରିତ ହୋଇ ପିଇଓ ଭବିଷ୍ୟତ ପଟେଲଙ୍କୁ ଅନ୍ୟତ୍ର ବଦଳି ନ କରିବା ଓ ପୁନଃ ଅବସ୍ଥାପିତ କରିବା ପାଇଁ ବ୍ଲକ ମୁଖ୍ୟ କିରାଣିଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ପିଇଓ ଭବିଷ୍ୟତ ପଟେଲଙ୍କ ସ୍ଥାନରେ ବର୍ତ୍ତମାନ ବିରଞ୍ଚି ଖର୍ସେଲ ଦାୟିତ୍ୱ ନେଇଛନ୍ତି। ପୁନଃ ପିଇଓ ଭବିଷ୍ୟତ ପଟେଲଙ୍କୁ ଦିଆଯିବା ପାଇଁ ଦାବି କରିଛନ୍ତି। ନଚେତ୍ ଆଗାମୀ ଦିନରେ ବ୍ଲକ କାର୍ଯ୍ୟାଳୟ ଆଗରେ ଧାରଣା ଦେବାକୁ ଚେତାବନୀ ଦେଇଛନ୍ତି। ଏହି ଦାବିପତ୍ର ପ୍ରଦାନ ସମୟରେ ଗୁଣନିଧି ବାଗ, ନଳିନୀ ପଣ୍ଡା, ଅବନୀ ଦୁର୍ଗା, ପାର୍ଥ ଗୋପାଳ, ଆକାଶ ପ୍ରଧାନୀ ଅନିତା ମାଝୀ ପ୍ରମୁଖ ଉପସ୍ଥିତ ଥିଲେ।

## ଟ୍ରେନ ଧକ୍କାରେ ଯୁବକଙ୍କ ଗୋଡ଼ କଟିଲା

**ଲାଞ୍ଜିଗଡ଼, ୧୪ ।୧୧(ସମିସ):** କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ନିକଟସ୍ଥ ଚନ୍ଦନପୁରସ୍ଥିତ ବେଦାନ୍ତ ରେଳ ଧାରଣାରେ ଗୁରୁବାର ବଡି ଭୋରରୁ ଏକ ଅଘଟଣ ଘଟିଛି। ଶୌଚ ପାଇଁ ରେଳ ଧାରଣା ପାଖକୁ ଯାଇଥିବା ବଡ଼ ଜାମକି ହେଜୁ ଗାଁର ଚନ୍ଦ୍ର ମାଝୀ ନାମକ ଜଣେ ଯୁବକଙ୍କ ବାମ ଗୋଡ଼ ସମ୍ପୂର୍ଣ୍ଣ ଭାବେ କଟିଯାଇଛି। ବଡ଼ ଜାମକିହେଜୁ ଗାଁର ଚନ୍ଦ୍ର ନିଜ ବଡ଼ମା ଘର ଚନ୍ଦନପୁର ଗାଁରେ ରହି କୁଲି ମଜୁରୀ କରି ଚଳୁଥିଲେ। ସକାଳୁ ସେ ଟ୍ରେନ ଧାରଣା ପାର ହେଉଥିବାବେଳେ ବେଦାନ୍ତ ପ୍ରକଳ୍ପକୁ ଯାଉଥିବା ଏକ ଟ୍ରେନ୍ ତାଙ୍କୁ ଧକ୍କା ଦେଇ ଘୋଷାଡ଼ି ନେବାରୁ ତାଙ୍କ ବାମଗୋଡ଼ ଆଣ୍ଠୁ ତଳୁ ସମ୍ପୂର୍ଣ୍ଣ ଭାବେ ଛିଣ୍ଡି ଅଲଗା ହୋଇଯାଇଛି। ପ୍ରଚୁର ରକ୍ତସ୍ରାବ ଯୋଗୁଁ ସେ ଗୁରୁତର ହୋଇପଡ଼ିଥିବାବେଳେ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଡାକ୍ତରଖାନା ପଠାଇଥିଲେ। ଏହାକୁ ନେଇ ଚନ୍ଦନପୁର ଗାଁରେ ପ୍ରବଳ ଜନ ଅସନ୍ତୋଷ ଦେଖିବାକୁ ମିଳିଥଲା। ଉତ୍ୟକ୍ତ ଲୋକେ ରେଳରୋକ କରିଥିଲେ। ଚନ୍ଦ୍ରଙ୍କ ଚିକିତ୍ସା ଖର୍ଚ୍ଚ ବହନ କରିବା ସହିତ ତାଙ୍କ ପରିବାରକୁ କ୍ଷତିପୂରଣ ଯୋଗାଇଦେବାକୁ ଲୋକେ ଅଡ଼ି ବସିଥିଲେ। ଏହାକୁ ନେଇ ୪ ଘଣ୍ଟା ପର୍ଯ୍ୟନ୍ତ ବେଦାନ୍ତ କମ୍ପାନୀ ମଧ୍ୟକୁ ବକ୍ସାଇଟ ଓ ଆଲୁମିନା ପରିବହନ ବନ୍ଦ ହୋଇଯାଇଥିଲା।

# ସ୍ୱାସ୍ଥ୍ୟସେବା ପ୍ରଦାନରେ ନୂଆପଡ଼ା ରାଜ୍ୟରେ ଦ୍ୱିତୀୟ

**ନୂଆପଡ଼ା, ୧୪ ।୧୧(ସମିସ):**

ନୂଆପଡ଼ା ରାଜ୍ୟ ରାଜଧାନୀ ଠାରୁ ଛଅ ଶହ କିମି ଦୂରେ ଥାଇ ମଧ ସ୍ୱାସ୍ଥ୍ୟ ସେବାକ୍ଷେତ୍ରରେ ବହୁ ଆଗକୁ ଯାଇଛି। ନୂଆପଡ଼ା ରାଜ୍ୟରେ ଦ୍ୱିତୀୟ ସ୍ଥାନରେ ରହିଛି ବୋଲି ଜିଲ୍ଲାପାଳ ମଧୁସୁଦନ ଦାଶ କହିଛନ୍ତି। ନୂଆପଡ଼ା ଜିଲ୍ଲାପାଳ ଜାତୀୟ ସ୍ୱାସ୍ଥ୍ୟ ମିଶନରେ କାର୍ଯ୍ୟରତ ଡାକ୍ତର ଓ ଅଧିକାରୀମାନଙ୍କୁ ଉଦ୍‌ବୋଧନ ଦେବା ଅବସରରେ ସମସ୍ତଙ୍କୁ ଉତ୍ସାହିତ କରିଥିଲେ। ଜିଲ୍ଲାପାଳ ଶ୍ରୀ ଦାଶ ଜିଲ୍ଲାରେ ଜାତୀୟ ସ୍ୱାସ୍ଥ୍ୟ ମିଶନରେ କାର୍ଯ୍ୟରତ ସମସ୍ତ ଅଧିକାରୀ ଏବଂ ଆୟୁଷ ଡାକ୍ତରଙ୍କ ସହିତ ସମ୍ମିଳନୀ କକ୍ଷରେ ମତ ବିନିମୟ ବୈଠକ କରିଥିଲେ।ଭାରପ୍ରାପ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡଃ ଗୁରୁପ୍ରସାଦ ଜେନା ଓ ଡିପିଏମଓ ଦିଲ୍ଲୀପ ଦୂବେ ଉପସ୍ଥିତ ଥିଲେ। ଜିଲ୍ଲାପାଳ ଅଧିକାରୀମାନଙ୍କୁ ସ୍ୱାଗତ କରି ନିଜ ନିଜ କାର୍ଯ୍ୟ ଠିକ୍ ରୂପେ ସମ୍ପାଦନ କରି ଜନସାଧାରଣଙ୍କୁ ଉତ୍ତମ ସ୍ୱାସ୍ଥ୍ୟ



ସେବା ଯୋଗାଇଦେବା ପାଇଁ ସମସ୍ତେ ଯତ୍ନବାନ ହେବାକୁ ପରାମର୍ଶ ଦେଇଛନ୍ତି। ହେଲଥ ପାରାମିଟରରେ ଏବେ ନୂଆପଡ଼ା ଜିଲ୍ଲା ରାଜ୍ୟରେ ଦୁଇ ନମ୍ବରରେ ଅଛି। ସମସ୍ତେ କଠିନ ପରିଶ୍ରମ କରି ଏହାକୁ ଏକ ନମ୍ବରରେ ରଖିବାକୁ ଜିଲ୍ଲାପାଳ ଆହ୍ୱାନ ଦେଇଥିଲେ। ଜାତୀୟ ସ୍ୱାସ୍ଥ୍ୟ ମିଶନରେ କାର୍ଯ୍ୟରତ ସମସ୍ତ ଅଧିକାରୀମାନଙ୍କୁ ଜଣ ଜଣ କରି ପଚାରି ସେମାନଙ୍କ କର୍ତ୍ତବ୍ୟ ଦାୟିତ୍ୱ ଓ ସୁବିଧା ଅସୁବିଧା ସମ୍ବନ୍ଧରେ ପଚାରି ବୁଝିଥିଲେ। ଦିନକୁ ଦିନ ଜନସାଧାରଣ ଆୟୁର୍ବେଦିକ ଓ ହୋମିଓପାଥିକ ଚିକିତ୍ସା ଉପରେ ବିଶେଷ ଭରସା କରୁଥିବାରୁ ଗାଁ ଗହଳିରେ ଥିବା ଆୟୁଷ ଡାକ୍ତରମାନେ ବିଶେଷ ଯତ୍ନବାନ ହୋଇ ଚିକିତ୍ସା କରିବେ। ଜିଲ୍ଲାରେ ସମସ୍ତ ଡ଼ିଆଁ ରୋଗକୁ ତୁରନ୍ତ ନିୟନ୍ତ୍ରଣ କରିବା ପାଇଁ ପଦକ୍ଷେପ ନିଆଯିବ। ସମସ୍ତେ ସ୍ୱାସ୍ଥ୍ୟ କେନ୍ଦ୍ରର ପରିଷ୍କାର ପରିଚ୍ଛନ୍ନତା ଉପରେ ବିଶେଷ ଧ୍ୟାନ ଦେବେ। ଯକ୍ଷ୍ମା, କୁଷ୍ଠ, ଏଡ୍‌ସ ଇତ୍ୟାଦି ରୋଗୀଙ୍କୁ ସୁହାନୁଭୂତିର ସହିତ ଚିକିତ୍ସା ଯୋଗାଇଦେବେ। ଡାକ୍ତଖାନାଗୁଡ଼ିକରେ ବିଭିନ୍ନ ଅସୁବିଧା ସତ୍ତ୍ୱେ ସମସ୍ତେ ନିଜ ନିଜ ସୁଖ ସ୍ୱାଛନ୍ଦ୍ୟକୁ ପଛରେ ପକାଇ ରୋଗୀଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ସେବା ଯୋଗାଇଦେବା ପାଇଁ ଜିଲ୍ଲାପାଳ ସମସ୍ତ ଡାକ୍ତର ଓ ଅଧିକାରୀଙ୍କୁ ଆହ୍ୱାନ ଦେଇଛନ୍ତି।

## ଚାଷୀ ଉପଜିଲ୍ଲାପାଳଙ୍କ ଦ୍ୱାରସ୍ଥ



**ଧର୍ମଗଡ଼, ୧୪ ।୧୧(ସମିସ):** ଇନ୍ଦ୍ରାବତୀ ଉଠା ଜଳ ସେଚନ ପ୍ରକଳ୍ପରୁ ୨୦୨୪-୨୫ ରବି ଚାଷ ପାଇଁ ଜଳ ସେଚନ ବନ୍ଦ ରହିବା ନେଇ ଉପର ଇନ୍ଦ୍ରାବତୀ ବାମ କେନାଲ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଏହାକୁ ନେଇ ଗୁରୁବାର ଧର୍ମଗଡ଼ ବ୍ଲକର କାଶିବାହାଲ, ତାଲପଦର, ରାହୁରାହଲଦୀ, ମଜେନପଦର ସମେତ ବିଭିନ୍ନ ଗାଁର ଚାଷୀ ଧର୍ମଗଡ଼ ଅତିରିକ୍ତ ଉପଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ। ଇନ୍ଦ୍ରାବତୀ ଜଳ ଭଣ୍ଡାରରେ ଚଳିତ ବର୍ଷ ଜଳସ୍ତର କମ୍ ଥିବା ଉପର ଇନ୍ଦ୍ରାବତୀ ବାମ କେନାଲ ସହକାରୀ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀଙ୍କଠାରୁ ସୂଚନା ପାଇବା ପରେ ରବି ଚାଷ ପାଇଁ ଜଳ ସେଚନରେ ସମସ୍ୟା ହେବା ଆଶଙ୍କା ଦେଖା ଦେଇଛି। ତେବେ ଚାଷୀ ଧର୍ମଗଡ଼ ଚାରିଛକରୁ ଶୋଭାଯାତ୍ରାରେ ବାହାରି ଅତିରିକ୍ତ ଉପଜିଲ୍ଲାପାଳ ଅଜୟ ତାର୍କିଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଦାବିପତ୍ର ପ୍ରଦାନ ସମୟରେ ସନ୍ତୋଷ ପାଢ଼ୀ, ଡାକେଶ୍ୱର ଲହଜଳ ସୁନୀଲ ସାହୁ, ଅରୂପା ମାଝୀ, ଦିଲୀପ ପୁଜାରୀ, ଅଭିରାମ ଭୋଇ, ଦୁଷ୍ମନ୍ତ ପୁଜାରୀ, ନାର୍ଣ୍ଣ ମାଝୀ, ଜଳଧର ଭୋଇ, ହୃଷିକେଶ ସାହୁ, ସନାତନ ସାହୁ, ଚାରୁ ମାଝୀ ସମେତ ଅନେକ ଚାଷୀ ଉପସ୍ଥିତ ଥିଲେ।

## ଜିଲ୍ଲା ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନରେ ଶିଶୁ ଦିବସ

**ନୂଆପଡ଼ା, ୧୪ ।୧୧(ସମିସ):** ସ୍ଥାନୀୟ ଜିଲ୍ଲା ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନ ନୂଆପଡ଼ାରେ ଅଧକ୍ଷ ନରୋତ୍ତମ ଭୋଇଙ୍କ ସଭାପତିତ୍ୱରେ ଶିଶୁ ଦିବସ ପାଳିତ ହୋଇଯାଇଛି। ଉକ୍ତ ଉତ୍ସବରେ ନ୍ୟାସନାଲ ସରକାରୀ ଉଚ୍ଚ ବିଦ୍ୟାଳୟ, ବାଳକ ଉପ୍ରା ବିଦ୍ୟାଳୟ, ସିର୍ଭୋଲ ପ୍ରାଥମିକ ବିଦ୍ୟାଳୟ, ତେଲିପଡ଼ା ପ୍ରାଥମିକ ବିଦ୍ୟାଳୟର ଛାତ୍ରଛାତ୍ରୀ ଯୋଗଦାନ କରିଥିଲେ।ଏହି ଅବସରରେ ଗୀତ, ନାଚ, ଭାଷଣ ଓ ଚିତ୍ରାଙ୍କନ ପ୍ରତିଯୋଗୀତାରେ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ। ବିଚାରକ ଭାବେ ପ୍ରାଧ୍ୟାପକ ଟିକେଶ୍ୱର୍ ପାର୍ନା, ସିଆରସିସି ଜୀତେନ୍ଦ୍ର ଖମାରୀ, ଶରତ କୁମାର ପଣ୍ଡା, ଯୋଗେନ୍ଦ୍ର ବେହେରା, ପ୍ରଫୁଲ୍ଲ ବେହେରା, ହରିଶଙ୍କର ମାଝୀ ପ୍ରମୁଖ ଯୋଗ ଦେଇ ସଞ୍ଚାଳନ କରିଥିଲେ। ବିଭିନ୍ନ ବର୍ଗର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଗଲା। ଉକ୍ତ କାର୍ଯ୍ୟକ୍ରମକୁ ପ୍ରାଧ୍ୟାପକ ବିକ୍ରମ ସିଂହ ବରିହା ଓ ଅନିତା ଶବର ସଂଯୋଜନା କରିଥିଲେ। ପ୍ରାଧ୍ୟାପକ ରିନା ବାଗ, ଶଙ୍କର ସାହୁ, ବବିତା ଶବର ଓ ଶିକ୍ଷକ ସରୋଜ ଅଗସ୍ତି, ବିଶ୍ୱରଞ୍ଜନ ମିଶ୍ର, ସୁଶୀଳା ସେଠୀ ଯୋଗଦେଇ ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିଥିଲେ। ଶେଷରେ ଟିକେଶ୍ୱର ପାର୍ନା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।



## ଦାଦନ ରୋକିବାକୁ ଅଣ୍ଟା ଭିଡ଼ିଲା ଜିଲ୍ଲା ଶ୍ରମିକ ମହାସଂଘ

**ନୂଆପଡ଼ା, ୧୪ ।୧୧(ସମିସ):** ଖରିଆରରୋଡ଼ଠାରେ ନୂଆପଡ଼ା ଜିଲ୍ଲା ଶ୍ରମିକ ମହାସଂଘର ଜିଲ୍ଲା ଆବାହକ ଯଦୁମଣି ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ନିର୍ମାଣ ଶ୍ରମିକ, ଦାଦନ ଶ୍ରମିକ, ମନରେଗା ଶ୍ରମିକ ଓ ଅନ୍ୟାନ୍ୟ ଶ୍ରମିକ ବର୍ଗଙ୍କ ବିଭିନ୍ନ ସମସ୍ୟା ସମାଧାନ ଓ ନିରାକରଣ ଉପରେ ସମାବେଶ ଅନୁଷ୍ଠିତ ହୋଇଯାଇଛି। ବିଶେଷ କରି ଦାଦନ ଶ୍ରମିକ ଚାଲାଣ ଉପରେ ରୋକ ଲଗାଇବକୁ ଜୋରସୋର ଚର୍ଚ୍ଚା ଆଲୋଚନା ହୋଇଥିଲା। ଜିଲ୍ଲାକୁ ଦାଦନ ମୁକ୍ତ କରିବା ସହିତ ସ୍ୱତନ୍ତ୍ର ପ୍ୟାକେଜ୍ ଘୋଷଣା, ଜିଲ୍ଲା ଶ୍ରମ ଅଧିକାରୀଙ୍କ କାର୍ଯ୍ୟାଳୟକୁ ଖାରିଆରରୋଡ଼ରୁ ନୂଆପଡ଼ା ଜିଲ୍ଲା ସଦର ମହକୁମାକୁ ତୁରନ୍ତ ସ୍ଥାନାନ୍ତରଣ, ଜିଲ୍ଲା ଶ୍ରମ କାର୍ଯ୍ୟାଳୟରେ ଆବଶ୍ୟକ ଅଧିକାରୀ ଓ କର୍ମଚାରୀ ପଦବୀ ପୂରଣ, ପ୍ରତ୍ୟେକ ବ୍ଲକ ଶ୍ରମ ଅଧିକାରୀ ନିଯୁକ୍ତି, ନିର୍ମାଣ ଶ୍ରମିକଙ୍କ ଦକ୍ଷତା ବୃଦ୍ଧି ପାଇଁ ପ୍ରଶିକ୍ଷଣ ପ୍ରଦାନ, ଜିଲ୍ଲାରେ ତୁରନ୍ତ ଦାଦନ ଟାସ୍କ ଫୋର୍ସ କମିଟି ଗଠନ ଇତ୍ୟାଦି ଦାବିକୁ ଯଥାର୍ଥ ଭାବରେ ରାଜ୍ୟ ବିଜେପି ପରିଚାଳିତ ମୋହନ ସରକାରଙ୍କ ପାଖରେ ଉପସ୍ଥାପନ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ମହାସଂଘର ସାଂଗଠନିକ ଆଧାରକୁ ତୃଣମୂଳ ସ୍ତରରେ ଆହୁରି ସୁଦୃଢ଼ ଓ ସକ୍ରୀୟ କରିବା ପାଇଁ ନିଷ୍ପତ୍ତି ନିଆଗଲା। ଦାଦନ ସମସ୍ୟା ସମାଧାନ ପାଇଁ ଜିଲ୍ଲାପାଳଙ୍କ ଦ୍ୱାରା ନିଆଯାଉଥିବା ବିଭିନ୍ନ ପଦକ୍ଷେପକୁ ମହାସଂଘ ଦ୍ୱାରା ପ୍ରଶଂସା କରିବା ସହିତ ଧନ୍ୟବାଦ୍ ଅର୍ପଣ କରଯାଇଥିଲା। କିନ୍ତୁ ଏହା ଯଥେଷ୍ଟ ନୁହେଁ ଓ ରାଜ୍ୟ ସରକାର ଏଥିପାଇଁ ନୀତିଗତ ଦୃଢ଼ ନିଷ୍ପତ୍ତି ନେବାର ଆବଶ୍ୟକତା ଅଛି ବୋଲି ମତ ପ୍ରକାଶ ପାଇଥିଲା।ଏହି କାର୍ଯ୍ୟରେ ବିଭିନ୍ନ ଟ୍ରେଡ୍ ୟୁନିଅନ୍ ନେତୃତ୍ୱ କୁ ସାମିଲ୍ କରିବା ପାଇଁ ଦାବି କରାଯାଇଥିଲା। ଆଗାମୀ ଦିନରେ ଏକ ପ୍ରତିନିଧି ମଣ୍ଡଳୀ ଆବାହକ ଯଦୁମଣି ପାଣିଗ୍ରାହଙ୍କ ନେତୃତ୍ୱରେ ଭୁବନେଶ୍ୱର ଯାଇ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ୍ ଆଲୋଚନା କରି ଦାବି ହାସଲ ପାଇଁ ପ୍ରୟାସ କରାଯିବାକୁ ନିଷ୍ପତ୍ତି ନିଆଗଲା। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଭକ୍ତ ବନ୍ଧୁ ଧରୁଆ, ପ୍ରଦୀପ ଦଣ୍ଡସେନା, ଜ୍ଞାନ ରଞ୍ଜନ ସାହୁ, ଜ୍ଞାନରଞ୍ଜନ ବାଗ, ବଳଧର କେତକୀ, ପରମା ହଂସ, ଅନିରୁଦ୍ଧ ନାଗ ପ୍ରମୁଖଙ୍କ ସହିତ ଅନ୍ୟାନ୍ୟ ଶ୍ରମିକ ନେତାମାନେ ସାମିଲ ଥିଲେ।



## ଶିକ୍ଷକ ଅଭାବ ନେଇ ରାସ୍ତାରେ ଛାତ୍ରଛାତ୍ରୀ



ଜୟପାଟଣା, ୧୪ ।୧୧(ସମିସ): କଳାହାଣ୍ଡି ଜିଲ୍ଲା ଜୟପାଟଣା ବ୍ଲକ ମୁଖୀଗୁଡା ଓଏଚପିସି ଅଧୀନରେ ଥିବା ବିଦ୍ୟାଳୟରେ ଦୀର୍ଘ ଦିନ ଧରି ଅବ୍ୟବସ୍ଥା ଲାଗି ରହିଛି। ବହୁ ଅଭିଯୋଗ ପରେ ମଧ ଆବଶ୍ୟକ ଶିକ୍ଷକ ଶିକ୍ଷୟିତ୍ରୀ ନିଯୁକ୍ତି ପ୍ରଦାନ କରାଯାଇ ନାହିଁ। ସ୍କୁଲରେ ଷଷ୍ଠ ଶ୍ରେଣୀରୁ ଦଶମ ଶ୍ରେଣୀ ଯାଏଁ ୨୩୦ରୁ ଅଧିକ ଛାତ୍ରଛାତ୍ରୀ ରହିଥିବା ବେଳେ ମାତ୍ର ୩ ଜଣ ଶିକ୍ଷକ ରହିଛନ୍ତି। ଏହା ଫଳରେ ପାଠପଢ଼ା ବାଧାପ୍ରାପ୍ତ ହେଉଛି। ଛାତ୍ରଛାତ୍ରୀ ଏହାର ପ୍ରତିବାଦ କରି ରାଜରାସ୍ତାକୁ ଅବରୋଧ କରିବା ସହ ଓଏଚପିସି ଅଫିସ ଆଗରେ ଧାରଣାରେ ବସିଥିଲେ। ଖବର ପାଇ ଘଟଣା ସ୍ଥଳରେ ଓଏଚପିସି କର୍ତ୍ତୃପକ୍ଷ, ଜୟପାଟଣା ଥାନା ଆଇଆଇସି, ବିଡ଼ିଓ ଏବଂ ଏବିଇଓ ପହଞ୍ଚି ଛାତ୍ରଛାତ୍ରୀଙ୍କ ସହ ଆଲୋଚନା କରିଥିଲେ। ସୋମବାର ଭିତରେ ଶିକ୍ଷକ ନିଯୁକ୍ତି କରାଯିବା ନେଇ ପ୍ରତିଶ୍ରୁତି ଦେବା ପରେ ଛାତ୍ରଛାତ୍ରୀ ଆନ୍ଦୋଳନରୁ ଓହରିଥିଲେ।

## ୬ ଶିଶୁ ସହ ୧୧ ଦାଦନ ଶ୍ରମିକ ଉଦ୍ଧାର

■ ଦାଦନ ସର୍ଦ୍ଦାର ସହ ୩ ସହଯୋଗୀ କୋର୍ଟ ଚାଲାଣ



ଗୋଲାମୁଣ୍ଡା ପୁଲିସର ଅନୁକମ୍ପା

**ଧର୍ମଗଡ଼, ୧୪ ।୧୧(ସମିସ):** ଗୋଲାମୁଣ୍ଡା ପୁଲିସ ସମୁଦାୟ ୧୭ଜଣ ଦାଦନ ଶ୍ରମିକଙ୍କୁ ଉଦ୍ଧାର କରିଛି। ସେଥି ମଧ୍ୟରେ ୬ଜଣ ଶିଶୁ ଅନ୍ତର୍ଭୁକ୍ତ। ତେବେ ଏହି ଦାଦନ ଚାଲାଣର ମୁଖ୍ୟ ସର୍ଦ୍ଦାର ଡିଙ୍ଗର ତାଣ୍ଡି ଓ କାଳିଆ ମାଝୀ ହୋଇଥିବା ବେଳେ ତାଙ୍କ ତିନି ସହଯୋଗୀଙ୍କୁ ପୁଲିସ ଗିରଫ କରିଛି। ସମସ୍ତ ଦାଦନ ଶ୍ରମିକ ପଡୋଶୀ ବଲାଙ୍ଗୀର ଓ ବରଗଡ଼ ଜିଲ୍ଲାର ହୋଇଥିବା ସୂଚନା ମିଳିଛି। ଦାଦନ ଶ୍ରମିକଙ୍କ ଅଭିଯୋଗ ଅନୁଯାୟୀ ଏହି ଦଲାଲ ଓ ତା' ସହଯୋଗୀମାନେ ପ୍ରଥମେ ବାଉନମାଳରୁ ଦେଉଳଗାଁ ଜଙ୍ଗଲରେ ରଖି ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିଲେ। ପରେ କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ଥାନା ନକଟିକାନି ଗ୍ରାମର ଏକ ଅଙ୍ଗନବାଡି କେନ୍ଦ୍ରରେ ଦାଦନ ଶ୍ରମିକଙ୍କୁ ଆଣି ତେଲେଙ୍ଗାନା ରାଜ୍ୟର ସିକନ୍ଦରାବାଦ ସହରସ୍ଥିତ ଏକ ଇଟା ଭାଟିକୁ ଚାଲାଣ କରିବା ପାଇଁ ପୂର୍ବରୁ ସ୍ଥିର ହୋଇଥିଲା। ଦାଦନ ଶ୍ରମିକମାନଙ୍କୁ ଏକ ଘରୋଇ ମାଲିକଙ୍କ ଇଟା ଭାଟିରେ କାମ କରାଇବା ପାଇଁ କୁହାଯାଇଥିଲା; ହେଲେ ଗୋଲାମୁଣ୍ଡା ପୁଲିସ କୌଣସି ସୂତ୍ରରୁ ଦାଦନ ଚାଲାଣ ଖବର ପାଇ ଚଢ଼଼ଉ କରିଥିଲା। ସମସ୍ତ ଦାଦନ ଶ୍ରମିକଙ୍କୁ ଉଦ୍ଧାର କରି ମୁଖ୍ୟ ସର୍ଦ୍ଦାରର ତିନି ସହଯୋଗୀ ଉଗ୍ରେ ଶବର, ଗିରିଧାରୀ ବାଗ ଓ ପବିତ୍ର ତାଣ୍ଡିକୁ ପୁଲିସ ଗିରଫ କରିଛି। ତେବେ ଦୁଇ ମୁଖ୍ୟ ସର୍ଦ୍ଦାରଙ୍କୁ ପୁଲିସ ଗିରଫ ନ କରି ଅନୁକମ୍ପା ଦେଖାଉଛି। କେଉଁ କାରଣରୁ ଦାଦନ ଶ୍ରମିକ ଚାଲାଣରେ ଲିପ୍ତ ସର୍ଦ୍ଦାର ଡିଙ୍ଗର ତାଣ୍ଡି ଓ କାଳିଆ ମାଝୀକୁ ଗିରଫ ନ କରି ସହଯୋଗୀଙ୍କୁ ଗିରଫ କରି ବାହା ବାହା ନେବାକୁ ଚେଷ୍ଟା କରିଛି ଲୋକଙ୍କ ମଧ୍ୟରେ ସନ୍ଦେହ ହେଉଛି। ଏ ନେଇ ଗୋଲାମୁଣ୍ଡା ଥାନା ଅଧିକାରିଣୀ ଶ୍ୱେତାପଦ୍ମା ସେଠଙ୍କୁ ପଚାରିବାରୁ ପ୍ରଥମେ ୩ ଜଣଙ୍କ ନାମରେ ଅଭିଯୋଗ ଆସିବା ମାତ୍ରେ ଗିରଫ କରାଯାଇଛି। ଏବେ ଅନ୍ୟମାନଙ୍କ ନାମରେ ଅଭିଯୋଗ ଆସିଛି। ଅଭିଯୋଗକୁ ଭିତ୍ତି କରି ଦୁଇ ଜଣଙ୍କୁ ଖୁବ ଶୀଘ୍ର ଗିରଫ କରାଯିବ ବୋଲି ପ୍ରକାଶ କରିଛନ୍ତି।

### ୩୨ତମ କୁମାରସ୍ୱାମୀ ମହୋତ୍ସବ ଉଦ୍‌ଘାଟିତ

# ଦେବଗିରିରେ ଗୋସିଙ୍ଗ ଦୈତ୍ୟଙ୍କ ରାଜୁତି

**ଭବାନୀପାଟଣା, ୧୪ ।୧୧(ସମିସ):**

କଳାହାଣ୍ଡି ଜିଲ୍ଲା ନର୍ଲା ବ୍ଲକ ବୁଢ଼ୀପଦରରେ ଦେବଗିରି ସାଂସ୍କୃତିକ ଅନୁଷ୍ଠାନର ୩୨ତମ ବାର୍ଷିକ ଉତ୍ସବ ତଥା ରାଜ୍ୟସ୍ତରୀୟ କୁମାରସ୍ୱାମୀ ମହୋତ୍ସବ ଉଦ୍‌ଘାଟିତ ହୋଇଛି। ଏହାସହ ଆରମ୍ଭ ହୋଇଛି ଗୋସିଙ୍ଗ ଦୈତ୍ୟ ଦରବାର। ବଲାଙ୍ଗୀର ଜିଲ୍ଲା ବିଜେପୁରର ଭେଷମତି ବଗର୍ତ୍ତୀ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ। ଅନୁଷ୍ଠାନର ସଭାପତି ସଞ୍ଜୟ ଧଙ୍ଗଡ଼ାମାଝୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମର ପ୍ରଥମ ଦିବସରେ ରାଜ ଅତିଥି ଭାବେ ଯୁବ ଉଦ୍ୟୋଗପତି



ସୁମିତ ଅଗ୍ରୱାଲ, ରତନ ଅଗ୍ରୱାଲ, ଶିକ୍ଷାବିତ ଗୁଣନିଧି ଧଙ୍ଗଡ଼ାମାଝୀ, ସାମ୍ବାଦିକ ଅଲତାଫ ଅଲ୍ଲୀ ଖାଁଙ୍କ ସମେତ ଅନୁଷ୍ଠାନର ସାଧାରଣ ସମ୍ପାଦକ ସୁନୀଲ ଧଙ୍ଗଡ଼ାମାଝୀ, କୋଷାଧକ୍ଷ ଜୟଦ୍ରଥ ଜାଲ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ଅଶ୍ୱିନୀ ଭୋଇଙ୍କୁ ଦେବଗିରି ସମାଜସେବା ସମ୍ମାନ, ତେଜନ ଦୁର୍ଗାଙ୍କୁ ଦେବଗିରି କ୍ରୀଡ଼ା ସମ୍ମାନ, ଲୋକନାଥ ସାଙ୍କୁ ଦେବଗିରି ଲୋକକଳା ସମ୍ମାନ, ସୁଶାନ୍ତ ମିଶ୍ରଙ୍କୁ ଦେବଗିରି କଳା ସମ୍ମାନ, ସାମ୍ବାଦିକ ଦୀପକ ଠାକୁର, ତ୍ରିଲୋଚନ ଗଉଡ ଓ ହିରଣ୍ୟ ବେହେରାଙ୍କୁ ଦେବଗିରି ବାର୍ତ୍ତା ସମ୍ମାନ ପ୍ରଦାନ କରାଯାଇଥିଲା।

ଦେବଗିରି ବୁଢ଼ୀପଦରରେ ଚାଲିଛି ସମ୍ରାଟ ଗୋସିଙ୍ଗ ଦୈତ୍ୟଙ୍କ ରାଜୁତି। ଗୋସିଙ୍ଗ ଦୈତ୍ୟ ଦରବାର ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମରେ ରଙ୍ଗୀନ ହୋଇ ଉଠୁଛି। ବିଶିଷ୍ଟ କଳାକାର ବିଜୟ କୁମାର ଧଙ୍ଗଡ଼ାମାଝୀ ଗୋସିଙ୍ଗ ଦୈତ୍ୟ ଭୂମିକାରେ ଅଭିନୟ କରୁଛନ୍ତି। ପ୍ରଥମ ରଜନୀରେ ପାରମ୍ପରିକ ଗଣା ବଜା, ଘଣ୍ଟ ବାଦ୍ୟ, ମା' ବୀଣାପାଣି ସାଂସ୍କୃତିକ ଅନୁଷ୍ଠାନ ଶାନ୍ତପୁରର ସାମାଜିକ ନାଟକ କଙ୍କାଳ ଖେଳିବ ରକ୍ତର ହୋରି ପରିବେଷିତ ହୋଇଥିଲା। କେନ୍ଦ୍ର ସାହିତ୍ୟ ଏକାଦେମୀ ଯୁବ ପୁରସ୍କାରପ୍ରାପ୍ତ ଲେଖକ ଡିଲେଶ୍ୱର ରଣା ମଞ୍ଚ ସଞ୍ଚାଳନ କରିଥିବାବେଳେ ଅନୁଷ୍ଠାନର ଯୁଗ୍ମ ସମ୍ପାଦକ ସୁଧୀର କୁମାର ଧଙ୍ଗଡ଼ାମାଝୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଉତ୍ସବ ତିନି ଦିନ ଧରି ଚାଲିବ ବୋଲି ଅନୁଷ୍ଠାନର ସାଂସ୍କୃତିକ ସମ୍ପାଦକ ସଲିଲ ଧଙ୍ଗଡ଼ାମାଝୀ ସୂଚନା ଦେଇଛନ୍ତି।

### ଡାଲମିଆ ଭାରତର ପ୍ରୟାସ

## ଚାଷୀଙ୍କ ଆର୍ଥିକ ଅଭିବୃଦ୍ଧି କରିଛି 'ପ୍ରୋଜେକ୍ଟ ଅନ୍ନଦାତା'



**ରାଉରକେଲା,୧୪।୧୧(ସମିସ):** ଡାଲମିଆ ସିମେଣ୍ଟ ଭାରତ ଲିମିଟେଡ୍ (ଡିସିବିଏଲ୍) ଚାଷୀଙ୍କ ଆର୍ଥିକ ଅଭିବୃଦ୍ଧି ନିମନ୍ତେ ପ୍ରୟାସ କରିବା ସହ ନିଜସ୍ୱ ଦୀର୍ଘସ୍ଥାୟୀ ଯୋଜନା ଆପଣେଇଛି। ଫଳସ୍ୱରୂପ "ପ୍ରୋଜେକ୍ଟ ଅନ୍ନଦାତା' ଓଡ଼ିଶା ଗ୍ରାମାଞ୍ଚଳର ୫ ହଜାରରୁ ଉର୍ଦ୍ଧ୍ୱ କୃଷକଙ୍କ ଜୀବନରେ ଆର୍ଥିକ ଅଭିବୃଦ୍ଧି ଘଟାଇପାରିଛି। ପ୍ରାଥମିକ ଭାବେ ୮୦୦ କୃଷକଙ୍କ ଉପରେ ଦୃଷ୍ଟିନିବଦ୍ଧ କରି ୨୦୨୩ରେ ଆରମ୍ଭ କରାଯାଇଥିବା ଏହି ପ୍ରକଳ୍ପ ତ୍ୱରିତ ଭାବରେ ସମ୍ପ୍ରସାରିତ ହୋଇ ସୁନ୍ଦରଗଡ଼ ଜିଲ୍ଲାର ୩୧ଟି ଗ୍ରାମର କୃଷକଙ୍କ ନିକଟରେ ପହଞ୍ଚିପାରିଛି।

ପ୍ରୋଜେକ୍ଟ ଅନ୍ନଦାତା ଗ୍ରାମୀଣ କୃଷକଙ୍କୁ ଉଚ୍ଚ ମାନର ଧାନ ବିହନ, ଗୋଷ୍ଠୀ ନେତୃତ୍ୱରେ ପରିଚାଳିତ ଶସ୍ୟ ବ୍ୟାଙ୍କ ସୁବିଧା ଯୋଗାଇଦେବା ସହିତ ଏକ ବିକଳ୍ପ ଇନ୍ଧନ ଉତ୍ସ ଭାବରେ ଫେରସ୍ତ କ୍ରୟ କାର୍ଯ୍ୟକ୍ରମ ଜରିଆରେ ସେମାନଙ୍କ ନିକଟରୁ କୃଷି ବର୍ଜ୍ୟ ନଡ଼ା କୁଟା ଆଦିକୁ ସଂଗ୍ରହ କରୁଛି। ପ୍ରଥମ ବର୍ଷରେ ପ୍ରୋଜେକ୍ଟ ଅନ୍ନଦାତା ଗ୍ରାମାଞ୍ଚଳରୁ ୧ ହଜାର ପରିବାର ନିକଟରୁ ୪୦୦ ଟନ୍‌ରୁ ଅଧିକ ନଡ଼ା ସଂଗ୍ରହ କରିଛି। ଏହି ପ୍ରୟାସ କୃଷକମାନଙ୍କୁ ଅତିରିକ୍ତ ଆୟ ପ୍ରଦାନ କରିଛି। ଉଚ୍ଚ ମାନର ବିହନ ଆବଣ୍ଟନ କରି ଏହି ପ୍ରୋଜେକ୍ଟ ମଧ୍ୟ କୃଷକମାନଙ୍କୁ ଏକର ପିଛା ୧୦ରୁ ୧୫ କ୍ୱିଣ୍ଟାଲ ଧାନ ଉତ୍ପାଦନ କରିବା ଦିଗରେ ସମର୍ଥ କରାଇଛି। ଯାହା ସେମାନଙ୍କର ଖାଦ୍ୟ ନିରାପତ୍ତା ଏବଂ ଆୟ ସ୍ତରରେ ଉଲ୍ଲେଖନୀୟ ବୃଦ୍ଧି ଘଟାଇଛି। ଚାଷୀଙ୍କ ଆୟରେ ମାସିକ ହାରାହାରି ୫,୩୦୦ ଟଙ୍କା ବୃଦ୍ଧି ଘଟିଛି।

ଏହି ପ୍ରୟାସର ସଫଳତା ସମ୍ପର୍କରେ ପ୍ରକାଶ କରି ଡିସିବିଏଲର ନିର୍ବାହୀ ନିର୍ଦ୍ଦେଶକ ଏବଂ ୟୁନିଟ ହେଡ୍ ରାଜଗାଙ୍ଗପୁର ଚେତନ ଶ୍ରୀବାସ୍ତବ କହିଛନ୍ତି ପ୍ରୋଜେକ୍ଟ ଅନ୍ନଦାତା ଡାଲମିଆ ସିମେଣ୍ଟର ଦୀର୍ଘସ୍ଥାୟୀ ଅଭିବୃଦ୍ଧିକୁ ସୁନିଶ୍ଚିତ କରୁଛି।

# ଭୁଜାଲି ମାଡ଼ରେ ରକ୍ତରଞ୍ଜିତ କୁକୁଡ଼ା ପଡ଼ା; ପୁଲିସ ନିରବ

**ରାଉରକେଲା,୧୪।୧୧(ସମିସ)**



ବନ୍ଧମୁଣ୍ଡା ଥାନା ବରକାନି ଗାଁରେ ଚାଲୁଥିବା ବେଆଇନ କୁକୁଡ଼ା ପଡ଼ା ଓ ଘୁଡ଼ଘୁଡ଼ି ପଟି ଜୁଆ ଖେଳବେଳେ ଭୁଜାଲି ମାଡ଼ରେ ଅଞ୍ଚଳ ରକ୍ତରଞ୍ଜିତ ହୋଇଛି। ପ୍ରଥମେ ଦୁଇ ଗୋଷ୍ଠୀଙ୍କ ମଧ୍ୟରେ କଥା କଟାକଟି ହେବା ସହ ଭୁଜାଲିରେ ଆକ୍ରମଣ ଯୋଗୁଁ ୩ ଜଣ ଗୁରୁତର ଆହତ ହୋଇଥିବା ଜଣାପଡ଼ିଛି। ତେବେ ବନ୍ଧମୁଣ୍ଡା ପୁଲିସ ଏହି ସମ୍ବେଦନଶୀଳ ଘଟଣାରେ ମାମଲା ରୁଜୁ ନ କରି ଘଟଣାକୁ ଚପାଇ ଦେଇଥିବାରୁ ପୁଲିସର ଭୂମିକା ଉପରେ ସ୍ଥାନୀୟ ଲୋକେ ପ୍ରଶ୍ନ ଉଠାଇଛନ୍ତି।

ସୂଚନାଯୋଗ୍ୟ ଯେ ବର୍ଷ ବର୍ଷ ଧରି ବରକାନି ଏବଂ ଏହାର ଆଖପାଖ ଅଞ୍ଚଳରେ ଏହି ବେଆଇନ କୁକୁଡ଼ା ପଡ଼ା ଓ ଘୁଡ଼ଘୁଡ଼ି ପଟି ଜୁଆ ଖେଳ ଚାଲି ଆସୁଥିବା ବେଳେ କେହି ଏହାପ୍ରତି ଧ୍ୟାନ ଦେଉନାହାନ୍ତି। ମାସକୁ ପ୍ରାୟ କୋଟିଏ ଟଙ୍କାର ଜୁଆ ଖେଳ ହେଉଥିବାରୁ ରାତାରାତି ଧନୀହେବାର ନିଶାରେ ନିଜର ଜମିବାଡ଼ି, ଧାନ ବିକ୍ରି କରି କୁକୁଡ଼ା ଖେଳରେ ବାଜି ଲଗାଇ ସର୍ବସ୍ୱାନ୍ତ ହେଉଛନ୍ତି ସୀମାନ୍ତବର୍ତ୍ତୀ ଗ୍ରାମର ହଜାର ହଜାର ଲୋକେ। ଆୟୋଜକ ଏବଂ ପୁଲିସ ମଧ୍ୟରେ ଏକ ବଡ଼ ଧରଣର ଅସାଧୁ ମେଣ୍ଟ ରହିଥିବା ସନ୍ଦେହ ପ୍ରକାଶ ପାଇଛି। ସେୟାର ମାର୍କେଟରେ ଅର୍ଥ ଲଗାଣ ପରି କୁକୁଡା ପଡ଼ାରେ ଲକ୍ଷ ଲକ୍ଷ ଟଙ୍କା ଲଗାଇ ରାତାରାତି ଧନୀ ହେବାର ସ୍ୱପ୍ନ ଦେଖୁଥିବା ନୀରିହ ଗ୍ରାମବାସୀ ପରିଶେଷରେ ସର୍ବସ୍ୱାନ୍ତ ହୋଇ ଘରକୁ ଫେରୁଥିବାବେଳେ ଅନେକ ପରିବାର ଏଥିପାଇଁ ଉଜୁଡ଼ିଯାଉଥିବା ଅଭିଯୋଗ ହେଉଛି। ଅପରପକ୍ଷରେ ପୁଲିସର ନିରବତାକୁ ନେଇ ଲୋକେ ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି।

## ଶିଶୁ ଦିବସରେ ଆର୍‌ଏସ୍‌ପି ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ

**ରାଉରକେଲା,୧୪।୧୧(ସମିସ):** ସେଲ୍ ରାଉରକେଲା ଇସ୍ପାତ କାରଖାନା ଆନୁକୂଲ୍ୟରେ ଶିଶୁ ଦିବସରେ ସିଭିକ୍ ସେଣ୍ଟରଠାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଆର୍‌ଏସ୍‌ପିର ଭାରପ୍ରାପ୍ତ ନିର୍ଦ୍ଦେଶକ ଅତନୁ ଭୌମିକ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ। ଏହି ଅବସରରେ ମାନବ ସମ୍ବଳ ଓ ପ୍ରକଳ୍ପ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର, ଖଣି ଓ କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଆଲୋକ ବର୍ମା, ବିତ୍ତ ଓ ଲେଖା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏ କେ ବେହୁରିଆ, ସହର ପ୍ରଶାସନ ଓ ସିଏସ୍‌ଆର୍ ବିଭାଗର ସିଜିଏମ୍ ଇନ୍‌ଚାର୍ଜ ପି କେ ସ୍ୱାଇଁ, ସାମଗ୍ରୀ ପରିଚାଳନା ବିଭାଗର ସିଏମ୍‌ଓ ଇନ୍‌ଚାର୍ଜ ଅନିଲ କୁମାର, ଚିକିତ୍ସା ଓ ସ୍ୱାସ୍ଥ୍ୟସେବା ବିଭାଗର ସିଏମଓ ଇନଚାର୍ଜ ଡାକ୍ତର ଜୟନ୍ତ ଆଚାର୍ଯ୍ୟ, ଆଇଇଏମ୍‌ଏସ୍‌ର ଅଧ୍ୟକ୍ଷା ସୁଶ୍ରୀତା ଦାସ, ଇସ୍ପାତ ବିଦ୍ୟାମନ୍ଦିରର ଅଧ୍ୟକ୍ଷ ଡକ୍ଟର ଏସ୍ ତ୍ରିପାଠୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ବହୁ ଶିକ୍ଷକଶିକ୍ଷୟିତ୍ରୀ, ବିଦ୍ୟାଳୟର ପୁରସ୍କାର ବିଜେତା ଛାତ୍ରଛାତ୍ରୀ ତଥା ସେମାନଙ୍କ ଅଭିଭାବକ ଯୋଗ ଦେଇଥିଲେ। ଡିଆଇସି ଶ୍ରୀ ଭୌମିକ



ରାଉରକେଲାର ବିଭିନ୍ନ ବିଦ୍ୟାଳୟର ୪୫ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଇସ୍ପାତ ଇଂରାଜୀ ମାଧ୍ୟମ ବିଦ୍ୟାଳୟର ସୁପ୍ରିୟା ବରୁଆ ସମାବେଶକୁ ସ୍ୱାଗତ କରିଥିବା ବେଳେ ଇସ୍ପାତ ବିଦ୍ୟାମନ୍ଦିରର ସୀମା ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ। ଇସ୍ପାତ ବିଦ୍ୟାମନ୍ଦିରର ଶୁଭସ୍ମିତା ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସେହିପରି ଇସ୍ପାତ ଜେନେରାଲ ହସ୍ପିଟାଲର ଶିଶୁ ନିଦାନ ୱାର୍ଡରେ ଫଳ ବଣ୍ଟନ କରାଯାଇଥିଲା। ଚିକିତ୍ସା ଓ ସ୍ୱାସ୍ଥ୍ୟସେବା ବିଭାଗର ସିଏମଓ ଇନ ଚାର୍ଜ ଡକ୍ଟର ଜୟନ୍ତ ଆଚାର୍ଯ୍ୟ ଏଥିରେ ଯୋଗଦେଇ ଆୟୋଜିତ ଚିତ୍ରକଳା ପ୍ରତିଯୋଗିତାର କୃତୀ ଶିଶୁଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଏଥିରେ ୱାର୍ଡରେ ଚିକିତ୍ସିତ ୩୫ ଶିଶୁ ଅଂଶଗ୍ରହଣ କରିଥିଲେ। ସିଏମଓ ଡକ୍ଟର ପି କେ ମହାପାତ୍ର, ଡକ୍ଟର ଆର ଆର ମହାନ୍ତି, ବହୁ ଡାକ୍ତର, ନର୍ସ ଏବଂ ଡିଏନ୍‌ବି ବିଦ୍ୟାର୍ଥୀ ଉପସ୍ଥିତ ଥିଲେ। ଚିକିତ୍ସାଧୀନ ପିଲାଙ୍କୁ ଅତିଥିମାନେ ଫଳ, ଉପହାର ଓ ମିଷ୍ଟାନ୍ନ ବିତରଣ କରିଥିଲେ। ମୁଖ୍ୟ ପରାମର୍ଶଦାତା ଡାକ୍ତର ମାୟା ବୋଷ କାର୍ଯକ୍ରମ ସଂଯୋଜନା କରିଥିଲେ।

## ଜାନୁୟାରୀ ୧୦ରେ ଗ୍ରାଚ୍ୟୁଇଟି ସିଲିଂ ମାମଲାର ଶୁଣାଣି

**ରାଉରକେଲା,୧୪।୧୧(ସମିସ):** ହାଇକୋର୍ଟରେ ଗ୍ରାଚ୍ୟୁଇଟି ସିଲିଂ ମାମଲାର ଶୁଣାଣି ଗୁରୁବାର ହୋଇଥିଲା। ଏହାର ପରବର୍ତ୍ତୀ ଶୁଣାଣି ଜାନୁୟାରୀ ୧୦ରେ ହେବ। ସେଲ୍‌ରେ ପ୍ରଥମ କରି ସିଲିଂ ୧ ଜୁଲାଇ ୨୦୧୪ରେ ଲାଗିଥିଲା। ଯେଉଁଥିରେ ଉକ୍ତ ତାରିଖ ପରେ ନିଯୁକ୍ତି ପାଇଥିବା କର୍ମଚାରୀଙ୍କ ଉପରେ ସିଲିଂ ଲାଗିଲା। ଏହା ବିରୋଧରେ ମାମଲା ଚାଲିଥିବା ବେଳେ ୨୬ ନଭେମ୍ବର ୨୦୨୧ରେ ଅନ୍ୟ ସମସ୍ତଙ୍କ ଉପରେ ମଧ୍ୟ ସିଲିଂ ଲାଗିଲା। ଏହାଦ୍ୱାରା ସେଲ୍ କର୍ତ୍ତୃପକ୍ଷ ୧୯୭୦ ଚୁକ୍ତିନାମାର ଉଲ୍ଲଙ୍ଘନ କରୁଛନ୍ତି। ୧୯୭୨ ଗ୍ରାଚ୍ୟୁଇଟି ଆକ୍ଟରେ ସ୍ପଷ୍ଟ ଉଲ୍ଲେଖ ଅଛି ଯେ, ଯେଉଁ ଗ୍ରାଚ୍ୟୁଇଟି ପାଉଥିଲେ ତାଠାରୁ ଅଧିକ ପରିମାଣର ଦେଇପାରିବେ। କିନ୍ତୁ କମ୍ କରି ପାରିବେ ନାହିଁ। ମାତ୍ର ସେଲ କର୍ତ୍ତୃପକ୍ଷ ମନମୁଖୀ କାର୍ଯ୍ୟକଳାପ ଚଳାଇଛନ୍ତି ବୋଲି ଆର୍‌ଆଇକେକେଏସ୍ ଆଇନଜୀବୀ ଯୁକ୍ତି ବାଢ଼ିଥିଲେ। ଏନ୍‌ଜେସିଏସ୍‌ରେ ସର୍ବସମ୍ମତି କ୍ରମେ ସିଲିଂ ଲଗାଇବାର ନିଷ୍ପତ୍ତି ନେଇଛୁ ବୋଲି କର୍ତ୍ତୃପକ୍ଷଙ୍କ ଆଇନଜୀବୀ ଉତ୍ତର ରଖିଥିଲେ। ଏହା ଉପରେ ପରବର୍ତ୍ତୀ ଶୁଣାଣି ଆଗାମୀ ୧୦ ଜାନୁଆରୀ ୨୦୨୫ରେ ହେବ ବୋଲି ଜଣାପଡ଼ିଛି। ଗତ ୧୨ରେ ଏରିଅର୍ ମାମଲା ଶୁଣାଣିରେ କର୍ତ୍ତୃପକ୍ଷଙ୍କ ଆଇନଜୀବୀ ସେଲର ଆର୍ଥିକ ବିବରଣୀ ଉପରେ ମତ ରଖିବାକୁ କୋର୍ଟକୁ ଅଧିକ ସମୟ ମାଗିଥିଲେ। ଏହାକୁ ବିଚାରପତି ଗ୍ରହଣ କରି ଆଗାମୀ ୧୬ ଡିସେମ୍ବରରେ ପରବର୍ତ୍ତୀ ଶୁଣାଣି ହେବ ବୋଲି ନିଷ୍ପତ୍ତି ନେଇଥିଲେ। ଆଗାମୀ ଦିନରେ ଶ୍ରମିକର ପାଉଣା ପାଇଁ ସଂଘ ଲଢ଼େଇ ଜାରି ରଖିବ ବୋଲି ସଂଘର ସାଧାରଣ ସମ୍ପାଦକ ହିମାଂଶୁ ବଳ କହିଛନ୍ତି।

## ଉତ୍କଳ ସ୍ନେହୀ ମହିଳା ସମିତିର ଶିଶୁ ଦିବସ

**ରାଉରକେଲା,୧୪।୧୧(ସମିସ):** ଉତ୍କଳ ସ୍ନେହୀ ମହିଳା ସମିତି ପକ୍ଷରୁ ଧାମରା ବସ୍ତିରେ ଥିବା ଅଙ୍ଗନବାଡ଼ି କେନ୍ଦ୍ରରେ ଶିଶୁ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଛୋଟ ଛୋଟ ପିଲାଙ୍କ ମଧ୍ୟରେ କୌତୁକ ପ୍ରତିଯୋଗିତା ଏବଂ ନାଚଗୀତ ଇତ୍ୟାଦି କରାଯାଇଥିଲା। ବିଶିଷ୍ଟ ଶଲ୍ୟ ଚିକିତ୍ସକ ଡାକ୍ତର ଗୋକୁଳାନନ୍ଦ ସାହୁ ଓ ଡାକ୍ତର ମହେଶ ପ୍ରସାଦ ବେହେରା କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଅଙ୍ଗନବାଡ଼ି କେନ୍ଦ୍ରର ଶାନ୍ତି କୁସୁମା, ରଜନୀ ବେହେରା, ଫୁଲମଣି ମୁଣ୍ଡାରୀ, ଆରସାଲାନୀ ମୁଣ୍ଡାରୀ, ଭାନୁପ୍ରିୟା ବେହେରା ପ୍ରମୁଖ ସହଯୋଗ କରିଥିଲେ। ମହିଳା ସମିତିର ସବିତା ସାହୁ, ନମିତା ଆଚାର୍ଯ୍ୟ, ବିଜୟଲକ୍ଷ୍ମୀ ପଟ୍ଟନାୟକ, ଜ୍ୟୋତି ମହାପାତ୍ର, ସୁପ୍ରିୟା ମହାନ୍ତି, ମଞ୍ଜୁବାଳା ମହାପାତ୍ର, ଗୀତା ମିଶ୍ର, ପ୍ରୀତି ସାହୁ, ନନ୍ଦିତା ପାତ୍ର, ସ୍ନିଗ୍ଧା ସାମନ୍ତରାୟ, ସୁଜାତା ପଟ୍ଟନାୟକ ଉପସ୍ଥିତ ରହି ପିଲାମାନଙ୍କୁ ଉତ୍ସାହିତ କରିଥିଲେ। ଶେଷରେ ମହିଳା ସମିତିର ସଭାନେତ୍ରୀ ସବିତା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।



## ଉତ୍କଳ ସାଂସ୍କୃତିକ ପରିଷଦର ବୋଇତ ବନ୍ଦାଣ ଉତ୍ସବ ଉଦ୍‌ଘାଟିତ

**ରାଉରକେଲା,୧୪।୧୧(ସମିସ):** ସାମାଜିକ ତଥା ସାଂସ୍କୃତିକ ଅନୁଷ୍ଠାନ ଉତ୍କଳ ସାଂସ୍କୃତିକ ପରିଷଦର ୩୪ ତମ ଦ୍ୱିଦିବସୀୟ ବୋଇତ ବନ୍ଦାଣ ଉତ୍ସବକୁ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ଉଦଘାଟନ କରିଥିଲେ। ଅନୁଷ୍ଠାନର ସଭାପତି ରଶ୍ମିତ ସାହାଣୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ପୃଷ୍ଠପୋଷକ କୁନବିହାରୀ ଦାସ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିସହିତ ଉତ୍କଳର ନୌବାଣିଜ୍ୟ ତଥା ତାର ଐତିହ୍ୟ ଓ ଇତିହାସ ସମ୍ପର୍କରେ କହିଥିଲେ। କାର୍ଯ୍ୟକ୍ରମରେ ମାହାଙ୍ଗା ବିଧାୟକ ସାରଦା ପ୍ରଧାନ ମୁଖ୍ୟଅତିଥି ଓ ଭୁବନେଶ୍ୱର ଏକାମ୍ର ବିଧାୟକ ବାବୁ ସିଂ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଅତିଥିମାନେ ଉତ୍କଳୀୟ ପରମ୍ପରା, ନୌବାଣିଜ୍ୟ, ଓଡ଼ିଶା ଆର୍ଥିକ ଅଭିବୃଦ୍ଧିର କାରଣ ଓ ସେଥିରେ ରାଉରକେଲାର ଅବଦାନ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ସହରର ଗୌରବ ଆକାଶ ସୁନା, ସାମ୍ବାଦିକ ଜିତେନ୍ଦ୍ର କୁମାର ମିଶ୍ର, ଡାକ୍ତର ସ୍ୱଙ୍ଗସ୍ମୃତି ପଟ୍ଟନାୟକ, କ୍ଲିନ୍ ଆଣ୍ଡ ଗ୍ରୀନ୍‌ର ସମ୍ପାଦକ ପ୍ରଦୀପ କୁମାର



ଦାଶ, ଗୌତମ ବାଡାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମୋନାଲିସା ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମରେ କଣ୍ଠଶିଳ୍ପୀ ଅର୍ଚ୍ଚନା ପାଢ଼ୀ, ନାଭ୍ୟା, ତେଜସ୍ୱିନୀ, ବିକାଶ ପ୍ରମୁଖ ପୁରାତନ ଓ ନୂତନ ଓଡ଼ିଆ ସଂଗୀତ ପରିବେଷଣ କରିଥିଲେ। ପ୍ରାରମ୍ଭରେ ଅଧ୍ୟକ୍ଷ ସୁନୀଲ କାୟଲ ସ୍ୱାଗତ ଭାଷଣ ସାଧାରଣ ସମ୍ପାଦକ ଶଙ୍କର ଜେନା ସମ୍ପାଦକୀୟ ବିବରଣୀ ପ୍ରଦାନ କରିଥିଲେ। ଜ୍ୟୋତ୍ସ୍ନାରାଣୀ ସାହୁ, ମୋନାଲିସା ଗୌଡ଼ଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଉପଦେଷ୍ଟା ଦେବେନ୍ଦ୍ରନାଥ ସାମନ୍ତରାୟ, ନୀଳାମ୍ବର ପୁହାଣ, ଗୋପୀନାଥ ପଟ୍ଟନାୟକ, ମୀନତି ଦେବତା, ଅତୁଲ୍ୟ ଦେବତା, ସରୋଜ ପ୍ରଧାନ, ଦୁର୍ଗା ଚରଣ ଜେନା, ଜୟନ୍ତ ମହାରଣା, ଆକାଶ ଜେନା, ରଞ୍ଜନ ବାରିକ, ସଞ୍ଜୟ କୁମାର ପ୍ରଧାନ, ମିହିର ମାଝୀ, ଜଗତ ସାହୁ, ଗିରିଜା ଶଙ୍କର ସାହୁ, ପବିତ୍ର ସାହୁ, ଜୟପ୍ରକାଶ ମହାନ୍ତି, ପପୁ ଛତ୍ରିଆ, ବଣ୍ଟି ସିଂ, ଅରୁ ମହାପାତ୍ର, ଲିଙ୍ଗରାଜ କୁମ୍ଭାର, ପୂର୍ଣ୍ଣଚନ୍ଦ୍ର ସାହୁ, ରବୀନ୍ଦ୍ର ବାରିକ, କାର୍ତ୍ତିକ ଖଣ୍ଡୁଆଳ, ବସନ୍ତ ସ୍ୱାଇଁ , ସୁଶାନ୍ତ ମହାନ୍ତି, ଗଣେଶ ରାଉତ ପ୍ରମୁଖ ସାମିଲ୍ ହୋଇଥିଲେ।

## ରାଉରକେଲା ପୁଲିସ ଜିଲ୍ଲାରେ ଇନ୍ସପେକ୍ଟରସ୍ତରରେ ଅଦଳବଦଳ

**ରାଉରକେଲା,୧୪।୧୧(ସମିସ):** ରାଉରକେଲା ପୁଲିସ ଜିଲ୍ଲାରେ ଆଜି ଇନ୍ସପେକ୍ଟରସ୍ତରୀୟ ଏକ ଅଦଳବଦଳ ହୋଇଥିବା ସୂଚନା ମିଳିଛି। ଏହି କ୍ରମରେ ବନ୍ଧମୁଣ୍ଡା ଥାନା ଇନ୍ସପେକ୍ଟର ଚିତ୍ତରଞ୍ଜନ ନାୟକଙ୍କର ପୁଲିସ ମୁଖ୍ୟାଳୟକୁ ବଦଳି କରାଯାଇଥିବା ବେଳେ ସେକ୍ଟର-୧୫ ଥାନାର ଶ୍ରୀକାନ୍ତ ଖମାରୀଙ୍କର ବନ୍ଧମୁଣ୍ଡା ଥାନାକୁ ବଦଳି କରାଯାଇଛି। ସେହିପରି ଟାଙ୍ଗରପାଲ୍ଲୀ ଥାନା ଇନିସପେକ୍ଟର ରାମେଶ୍ୱର ସିଂଙ୍କର ଗୁରୁଣ୍ଡିଆ ଥାନାକୁ ବଦଳି କରାଯାଇଥିବା ବେଳେ ଗୁରୁଣ୍ଡିଆ ଥାନାର ସୁକାନ୍ତ କିଶୋର ପ୍ରଧାନଙ୍କର ଟାଙ୍ଗରପାଲ୍ଲୀ ଥାନାକୁ ବଦଳି କରାଯାଇଛି। କେ. ବଲାଙ୍ଗ ଥାନା ଅଧିକାରୀ ଲକ୍ଷ୍ମୀଧର ହାଁଜଦାଙ୍କର ସେକ୍ଟର-୧୫ ଥାନାକୁ ବଦଳି କରାଯାଇଛି। ଡିଓଆଇସି ର ସବଇନିସପେକ୍ଟର ଅଶୋକ କୁମାର ବେହେରାଙ୍କ କେ. ବଲାଙ୍ଗ ଥାନାକୁ ବଦଳି କରାଯାଇଛି। ତେବେ ଚିତ୍ତରଞ୍ଜନ ନାୟକଙ୍କୁ ଆସନ୍ତା କାଲି ରିଲିଭ ହୋଇ ମୁଖ୍ୟାଳୟରେ ଯୋଗ ଦେବାକୁ କୁହାଯାଇଥିବା ବେଳେ ଅନ୍ୟମାନଙ୍କୁ ଆସନ୍ତା ୧୬ ତାରିଖ ସୁଦ୍ଧା ନିଜ ନିଜ ନୂତନ ପଦବୀରେ ଯୋଗ ଦେବାକୁ ନିର୍ଦ୍ଦେଶ ହୋଇଛି।

# ଆର୍‌ଏସ୍‌ପିରେ ଗୁଣବତ୍ତା ସପ୍ତାହ ଉଦ୍‌ଯାପିତ

**ରାଉରକେଲା,୧୪।୧୧(ସମିସ):** ସ୍ଥାୟିତ୍ୱ ବଜାୟ ରଖିବା ପାଇଁ ଗୁଣାତ୍ମକ କାର୍ଯ୍ୟରେ ଏକ ଦୀର୍ଘ ରାସ୍ତା ଅତିକ୍ରମ କରିବାକୁ ହେବ ବୋଲି ରାଉରକେଲା ଇସ୍ପାତ କାରଖାନାର ଗୋପବନ୍ଧୁ ଅଡିଟୋରିୟମରେ ଆୟୋଜିତ ଗୁଣବତ୍ତା ସପ୍ତାହ ଉତ୍ସବର ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଆରଏସପିର ଭାରପ୍ରାପ୍ତ ନିର୍ଦ୍ଦେଶକ ଅତନୁ ଭୌମିକ ମତ ଦେଇଥିଲେ। 'ଗୁଣବତ୍ତା: ଅନୁପାଳନ ଠାରୁ ପ୍ରଦର୍ଶନ' ପ୍ରସଙ୍ଗରେ ଶ୍ରୀ ଭୌମିକ ସଂଗଠନରେ କ୍ରମାଗତ ଉନ୍ନତି ହେଉଛି ଏହାର ମୂଳ ଧ୍ୟାନ କ୍ଷେତ୍ର ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ବ୍ୟୁରୋ ଭେରିଟାସ୍ ସାମାଜିକ ଏବଂ ନୈତିକ ଅନୁକରଣ ସ୍ଥାୟୀ ସେବା ତଥା ଦକ୍ଷିଣ ଏସିଆ ଅଞ୍ଚଳ ମୁଖ୍ୟ ଡି କେ ସେଟ୍ଟି ଯୋଗ ଦେଇ ପରିବେଶ, ସାମାଜିକ ଏବଂ ଶାସନ ପ୍ରଣାଳୀର ବିଭିନ୍ନ ଦିଗ ବିଷୟରେ ବର୍ଣ୍ଣନା କରିଥିଲେ। ସେଲକୁ ଏକ ଉଜ୍ଜ୍ୱଳ ମହାରତ୍ନ କମ୍ପାନୀରେ ରୂପାନ୍ତର କରିବା ଦିଗରେ ଦାୟିତ୍ୱଶୀଳ ଇସ୍ପାତ ନିର୍ମାଣମାନ ସୁନିଶ୍ଚିତ କରିବାର ମହତ୍ୱ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ମାନବ ସମ୍ବଳ ଓ ପ୍ରକଳ୍ପ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର, ଖଣି ଓ କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଆଲୋକ ବର୍ମା, ବିତ୍ତ ଓ ଲେଖା ବିଭାଗ ନିର୍ବାହୀ ନିର୍ଦ୍ଦେଶକ ଏ କେ ବେହୁରିଆ ପ୍ରମୁଖ ମଞ୍ଚାସୀନ ଥିଲେ।



କାର୍ଯ୍ୟକ୍ରମରେ ସିଜିଏମ, ବିଭାଗ ମୁଖ୍ୟ, ଜିଏମ୍, ଡିଏସ୍‌ଓ, ସୃଜନୀ ସଂଯୋଜକ, ପୁରସ୍କାର ବିଜେତା, ବିଭାଗର ଅନ୍ୟ ଅଧିକାରୀ ଏବଂ କର୍ମଚାରୀ ଯୋଗ ଦେଇଥିଲେ। ଜାତୀୟ ସଂଗୀତ ପରିବେଷଣ ସହିତ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ମାନ୍ୟଗଣ୍ୟ ଅତିଥି ବିତର୍କ, ପ୍ରବନ୍ଧ ଏବଂ କୁଇଜ୍ ପ୍ରତିଯୋଗିତାର ବିଜେତାଙ୍କୁ ପୁରସ୍କୃତ କରିଥିଲେ। ଏସଏମଏସ-୨ ବିଭାଗର ଜିଏମ୍ ଏସ୍‌କେ ନାୟକ ଶ୍ରେଷ୍ଠ ଅଡିଟର ପୁରସ୍କାର ପାଇଥିବା ବେଳେ ନୂତନ ପ୍ଲେଟ୍ ମିଲ୍ ବିଭାଗ ଇଣ୍ଟିଗ୍ରେଟେଡ୍ ମ୍ୟାନେଜମେଣ୍ଟ ସିଷ୍ଟମ ପାଇଁ ଶ୍ରେଷ୍ଠ ବିଭାଗ ପୁରସ୍କାର ଗ୍ରହଣ କରିଥିଲା। ଏହି ଅବସରରେ ବିଚାରକମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏମ୍‌ଏସ୍ ଓ ବିଲ୍ ବିଭାଗର ସିଜିଏମ୍ ପି କେ ସାହୁ ସମାବେଶକୁ ସ୍ୱାଗତ କରିବାସହ ଧନ୍ୟବାଦ ଅର୍ପଣ କରିଥିଲେ। ସମାରୋହକୁ ବିଇ ବିଭାଗର ଜିଏମ ଅନୁବିନ୍ଦ ମହାନ୍ତି ସଂଯୋଜନା କରିଥିଲେ। ସୁରକ୍ଷା ବିଭାଗର ଆସିଷ୍ଟାଣ୍ଟ ମ୍ୟାନେଜର ପ୍ରଜ୍ଞା ନାଥ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

### ବୋଇତ ବନ୍ଦାଣ ଆଜି

# କଦଳୀ ପାଟୁଙ୍ଗା ବଦଳରେ ବଢୁଛି ସୋଲ ଡଙ୍ଗାର ଚାହିଦା

**ରାଉରକେଲା,୧୪।୧୧(ସମିସ)**



ଗୁରୁବାର ପଞ୍ଚକ ଶେଷ ହୋଇଥିବାବେଳେ ରାତି ପାହିଲେ ବୋଇତ ବନ୍ଦାଣ। ଏହି ଦିନ ପୋଖରୀ, ନଦୀ କୂଳ ଆଦିରେ ଓଡ଼ିଆମାନେ କଦଳୀ ପାଟୁଙ୍ଗାରେ ବୋଇତ କରି ଉତ୍କଳୀୟ ନୌବାଣିଜ୍ୟର ସମୃଦ୍ଧ ପରମ୍ପରା ଐତିହ୍ୟ ସ୍ମୃତିକୁ ମନେ ପକାଇଥାନ୍ତି। ହେଲେ ଦିନ ବଦଳିବା ସହିତ କଦଳୀ ପାଟୁଙ୍ଗା ବଦଳରେ ସୋଲ ନିର୍ମିତ ଡଙ୍ଗାର ଚାହିଦା ବଢ଼ିବାରେ ଲାଗିଛି। ସେଥିପାଇଁ ସମୟ ସହ ବୋଇତର ରୂପ ଓ ରଙ୍ଗରେ ବି ପରିବର୍ତ୍ତନ ହୋଇଛି। ଏବେ ବଜାରରେ ମିଳୁଛି ରଙ୍ଗ ବେରଙ୍ଗର ବୋଇତ। ସମୟର ତାଳେ ତାଳେ ସୋଲ ଓ ଥର୍ମୋକୁଲ୍ ଡଙ୍ଗା ଚାହିଦା ଅଧିକ ରହିଥିବା ଦେଖିବାକୁ ମିଳୁଛି। ପୂର୍ବରୁ କଦଳୀ ପାଟୁଙ୍ଗାରେ ବୋଇତ ତିଆରି ହେଉଥିଲା। ହେଲେ ସହରାଞ୍ଚଳ ଲୋକଙ୍କ ରୁଚିରେ ପରିବର୍ତ୍ତନ ସହ ପର୍ଯ୍ୟାପ୍ତ କଦଳୀ ପାଟୁଙ୍ଗା ନମିଳିବା ଯୋଗୁଁ ସୋଲରେ ବିଭିନ୍ନ ରଙ୍ଗ ଓ ଆକର୍ଷଣୀୟ ଡିଜାଇନ୍‌ର ଡଙ୍ଗା ତିଆରି ହୋଇ ବିକ୍ରି ହେଉଛି। ଏହି କ୍ରମରେ ୨ ଫୁଟରୁ ଆରମ୍ଭ କରି ୫ରୁ ଅଧିକ ଫୁଟ୍ ପର୍ଯ୍ୟନ୍ତ ଲମ୍ବର ସୋଲରେ ତିଆରି ବୋଇତ ବଜାରରେ ବିକ୍ରି ହେଉଛି। ଏହାକୁ ତିଆରି କରିବା ପାଇଁ ବିଭିନ୍ନ ରଙ୍ଗ, ଅଠା, ଜିଙ୍କ୍, ଲେସ୍ ଆଦି ବ୍ୟବହାର କରାଯାଉଛି।

ଶୁକ୍ରବାର କାର୍ତ୍ତିକ ପୂର୍ଣ୍ଣିମା ପଡୁଥିବାରୁ କାର୍ତ୍ତିକ ବ୍ରତ ରଖିଥିବା ମହିଳା ପୁରୁଷ ପ୍ରତ୍ୟୁଷରୁ ଉଠି ଉତ୍କଳୀୟ ପରମ୍ପରା ସହ ବୋଇତ ବନ୍ଦାଣ ପାଇଁ ଅପେକ୍ଷା କରିଛନ୍ତି। ରାଉରକେଲାର କେଉଁ ଜଳାଶୟକୁ ଯିବେ, କେଉଁ ସମୟରେ ଡଙ୍ଗା ଭାସିବ ତାହାର ସବୁ ପ୍ରସ୍ତୁତି କରି ସାରିଲାଣି। ବିଭିନ୍ନ ଅନୁଷ୍ଠାନ ମଧ୍ୟ ଡଙ୍ଗା ଭସାଇବା ପରମ୍ପରା ଲାଗି କୃତିମ ପୋଖରୀ ତିଆରି କରି ସାରିଲେଣି। ଡଙ୍ଗା, ସୋଲ ପଟି ଓ କଦଳୀ ପାଟୁଙ୍ଗାର ଡଙ୍ଗା ବିକ୍ରି ହେଲାଣି। ପରମ୍ପରା ଅନୁସାରେ ପୂର୍ବରୁ ବ୍ୟବସାୟ କରିବା ପାଇଁ ବିଭିନ୍ନ ଦେଶକୁ ଓଡ଼ିଆ ପୁଅମାନେ ବୋଇତରେ ଯାଉଥିଲେ। ସେହି ସମୟରେ ବୋଇତ ବନ୍ଦାଣ ହେଉଥିଲା। ସେହି ପୁରୁଣା ପରମ୍ପରାକୁ ଉଜ୍ଜୀବିତ ରଖିବା ପାଇଁ କାର୍ତ୍ତିକ ପୂର୍ଣ୍ଣିମାରେ ବୋଇତ ବନ୍ଦାଣର ବିଧି ରହି ଆସିଛି।

## ଚିନ୍ମୟ ପବ୍ଲିକ୍ ସ୍କୁଲରେ ଶିଶୁ ଦିବସ

**ରାଉରକେଲା,୧୪।୧୧(ସମିସ):** ଫର୍ଟିଲାଇଜରସ୍ଥିତ ଚିନ୍ମୟ ପବ୍ଲିକ୍ ସ୍କୁଲ ପକ୍ଷରୁ ଶିଶୁ ଦିବସ ପାଳିତ ହୋଇଯାଇଛି। ଅନୁଷ୍ଠାନର ନିର୍ଦ୍ଦେଶକ ତ୍ରିନାଥ ଦାସ ମୋହିନୀ, ଉପନିର୍ଦ୍ଦେଶକ ରାଜେଶ ଦାସ ମୋହିନୀ, ସମ୍ପାଦିକା ପ୍ରତିଭା ଦାସ ମୋହିନୀ, ଅଧ୍ୟକ୍ଷ ବୀରେନ୍ଦ୍ର କୁମାର ସିଂ, ଡିନ୍ ଅରବିନ୍ଦ ରାୟ ଯୋଗଦେଇଥିଲେ। ଶିକ୍ଷୟିତ୍ରୀ ରଶ୍ମୀବାଳା ରାୟଗୁରୁ ମଞ୍ଚ ପରିଚାଳନା କରିଥିଲେ। ନର୍ସରୀ ପିଲାମାନେ 'ଟିକି ଟିକି ଫୁଲ ଆମେ ବଗିଚାରେ ଫୁଟିବୁ' ଗୀତରେ ନୃତ୍ୟ ପରିବେଷଣ କରିଥିଲେ। ଓଡ଼ିଶୀ, ସମ୍ବଲପୁରୀ, ଦାଣ୍ଡିଆ, ଦେଶାତ୍ମବୋଧକ ଗୀତ ଓ ସୁନ୍ଦର ଶିକ୍ଷଣୀୟ ଇଂରାଜୀ ଡ୍ରାମା 'ଦ ରାଇଜିଂ ସନ୍' ପରିବେଷଣ କରାଯାଇଥିଲା। ଏହି ଅବସରରେ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ଶେଷରେ ଶିକ୍ଷୟିତ୍ରୀ ବୀଣାପାଣି ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ବରିଷ୍ଠ ଶିକ୍ଷକ କୈଳାସ ଚନ୍ଦ୍ର ଦାଶ, ମଧୁସ୍ମିତା ମାର୍ଥା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବରିଷ୍ଠ ଶିକ୍ଷକ ଅକ୍ଷୟ ମଲ୍ଲିକ, ନମିତା ସେନାପତି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



**ଜିଲ୍ଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ**

# ଡିସେମ୍ବର ୨୦ରୁ ଖରିଫ ଧାନ ସଂଗ୍ରହ




**ସୁନ୍ଦରଗଡ଼, ୧୪ ।୧୧(ସମିସ)**

ସୁନ୍ଦରଗଡ଼ ଜିଲ୍ଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ ଗୁରୁବାର ସ୍ଥାନୀୟ ବିକାଶ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ଜିଲ୍ଲାର ଖରିଫ ଧାନ ସଂଗ୍ରହ ପ୍ରକ୍ରିୟା ଉପରେ ଆଲୋଚନା ହୋଇଥିଲା। ଚାଷୀମାନଙ୍କୁ ସର୍ବନିମ୍ନ ସହାୟକ ମୂଲ୍ୟ ଯୋଗାଇ ଦେବା, ଇନ୍‌ପୁଟ୍ ସହାୟତା ଯୋଗାଇବା ଆଦି ଲକ୍ଷ୍ୟ ନେଇ ଚଳିତବର୍ଷ ଖରିଫ ଧାନ ସଂଗ୍ରହ ଆରମ୍ଭ ନିମନ୍ତେ ଡିସେମ୍ବର ୨୦ ତାରିଖକୁ ବୈଠକରେ ଦିନ ଧାର୍ଯ୍ୟ କରାଯାଇଛି। ଏଥିପାଇଁ ଜିଲ୍ଲାରେ ୧୩୩ଟି ଧାନ ସଂଗ୍ରହ କେନ୍ଦ୍ର ଖୋଲାଯିବାର ଲକ୍ଷ୍ୟ ରଖାଯାଇଛି। ଏଥିରେ ୭ଟି ସ୍ୱୟଂ ସହାୟକ ମହିଳା ଗୋଷ୍ଠୀ ଓ ୪୭ଟି ଲ୍ୟାମ୍ପସ୍ ରହିଛି। ସେହିପରି ମଣ୍ଡିଗୁଡ଼ିକର ସୁପରିଚାଳନା ନିମନ୍ତେ ମଧ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି। ଧାନର ଅନୈତିକ କାରବାର, ଚୋରା ଚାଲାଣ ରୋକିବା ନିମନ୍ତେ ଜିଲ୍ଲା ସୀମାନ୍ତରେ ସିସିଟିଭି ବ୍ୟବସ୍ଥା, ପାଟ୍ରୋଲିଂ ବ୍ୟବସ୍ଥା, ସିସିଟିଭିଗୁଡ଼ିକର ଗତିବିଧିକୁ ତଦାରଖ କରିବା ନିମନ୍ତେ ସ୍ୱତନ୍ତ୍ର କଂଟ୍ରୋଲ ରୁମ୍ ବ୍ୟବସ୍ଥା ଆଦି ରହିଛି। ପ୍ରତ୍ୟେକ ଧାନ ସଂଗ୍ରହ କେନ୍ଦ୍ରମାନଙ୍କର ସୁପରିଚାଳନା ନିମନ୍ତେ ମଣ୍ଡି ନୋଡାଲ ଅଧିକାରୀ ଏବଂ ସୁପରଭାଇଜର ନିୟୋଜିତ ହୋଇଛନ୍ତି। ଏହି ଧାନ ସଂଗ୍ରହ ସମ୍ବନ୍ଧୀୟ ବ୍ୟାପକ ଜନ ସଚେତନତା ସୃଷ୍ଟି ଉପରେ ମଧ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା। ଚଳିତବର୍ଷ ପଞ୍ଜିକୃତ ହୋଇଥିବା ୫୪୪୪୧ ଜଣ ଚାଷୀଙ୍କ ଠାରୁ ମୋଟ୍ ୧୯୪୩୩୮.୨୩୫ ମେଟ୍ରିକ୍ ଟନ ଧାନ କିଣାଯିବାର ଲକ୍ଷ୍ୟ ରହିଛି। ଏହି ଧାନ ସଂଗ୍ରହ କାମରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ମଧ ସହାୟତା ନିଆଯିବ। ଧାନ ସଂଗ୍ରହ ପ୍ରକ୍ରିୟାକୁ ଆହୁରି ସହଜ କରିବା ପାଇଁ ଜିଲ୍ଲାସ୍ତରରେ କଣ୍ଟ୍ରୋଲରୁମ୍ ଟୋଲ୍ ଫ୍ରି' ନମ୍ବର ୧୮୦୦୪୩୫୭୪୭୧ ଜାରି କରାଯାଇଛି। ଏହାଛଡ଼ା ଧାନ ସଂଗ୍ରହ ନିମନ୍ତେ ଅନ୍ୟାନ୍ୟ ସୂଚନା କିମ୍ବା ପ୍ରଶ୍ନ ରହିଥିଲେ ଯୋଗାଣ ବିଭାଗର ବରିଷ୍ଠ ଅଧିକାରୀଙ୍କୁ ମଧ ଚାଷୀମାନେ ଯୋଗାଯୋଗ କରିପାରିବେ। ଧାନ ସଂଗ୍ରହ ମଣ୍ଡିରେ ଗୋଦାମ, ପିଣ୍ଡି, ପରୀକ୍ଷା ଉପକରଣ, ପାନୀୟ ଜଳ, ଛାୟା ବ୍ୟବସ୍ଥା ଏବଂ ଶୌଚାଳୟ ଆଦି ପ୍ରସ୍ତୁତ କରି ରଖିବାକୁ ସବୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବୈଠକରେ ଓଡ଼ିଶା ବିଧାନସଭା ଉପ ବାଚସ୍ପତି ଭବାନୀ ଶଙ୍କର ଭୋଇ, ସଦର ବିଧାୟକ ଯୋଗେଶ କୁମାର ସିଂ, ରାଜଗାଙ୍ଗପୁର ବିଧାୟକ ଡା. ସିଏସ୍ ରାଜେନ ଏକ୍କା, ଜିଲ୍ଲା ପରିଷଦ ଅଧ୍ୟକ୍ଷା କୁନ୍ତୀ ପ୍ରଧାନ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ, ବଣାଇଁ ଉପଜିଲ୍ଲାପାଳ ଅକ୍ଷୟ ପିଲ୍ଲେ, ପାନପୋଷ ଉପଜିଲ୍ଲାପାଳ ବିଜୟ ନାୟକ, ଜିଲ୍ଲା ଯୋଗାଣ ଅଧିକାରୀ ଦୁର୍ଗା ଚରଣ ବେଶ୍ରା, ଡିଆର୍‌ସିଏସ୍ ଉମାଶଙ୍କର ଦାସ, ଅତିରିକ୍ତ ଯୋଗାଣ ଅଧିକାରୀ, ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ, ବହୁ ସଂଖ୍ୟାରେ ଚାଷୀ ଏବଂ ମିଲର୍ସମାନେ ଯୋଗଦେଇ ବୈଠକରେ ଧାନ ସଂଗ୍ରହ କିଭଳି ସୁରୁଖୁରୁରେ ହୋଇପାରିବ ସେଥି ନିମନ୍ତେ ନିଜ ନିଜର ମତାମତ ରଖିଥିଲେ।

**ଜୋର ଧରୁଛି ମରୁଡ଼ି ଘୋଷଣା ଦାବି**

## ମଲା ଧାନଗଛ ଦେଖାଇ ଜିଲ୍ଲାପାଳଙ୍କୁ ଦାବିପତ୍ର ଦେଲେ ଚାଷୀ




**ସୁନ୍ଦରଗଡ଼, ୧୪ ।୧୧(ସମିସ):** ସୁନ୍ଦରଗଡ଼ ଜିଲ୍ଲାକୁ ମରୁଡ଼ି ଘୋଷଣା ଦାବି ଜୋର ଧରିବାରେ ଲାଗିଛି। ଏ ଯାଏ ଜିଲ୍ଲାରେ ୭୫ ହଜାର ଏକର ଜମିରେ ମରୁଡ଼ି ହୋଇଥିବା କୃଷି ବିଭାଗ ନିକଟରେ ଅଭିଯୋଗ ପହଞ୍ଚିଛି। ବିଡିଓ ତହସିଲଦାରଙ୍କ ଠାରୁ ଆରମ୍ଭ କରି ଜିଲ୍ଲାପାଳଙ୍କ ଯାଏ ଗୋଟିଏ ପରେ ଗୋଟିଏ ଅଭିଯୋଗ ଆସିବାରେ ଲାଗିଛି। ତେବେ ଆଜି ଜିଲ୍ଲା ଧାନ ସଂଗ୍ରହ କମିଟି ବୈଠକବେଳେ ଭିତରକୁ ସୁନ୍ଦରଗଡ଼ ସଦର ବ୍ଲକ ଅନ୍ତର୍ଗତ ମଝାପଡ଼ା ପଞ୍ଚାୟତର କେତେକ ଚାଷୀ ମଲା ଧାନ ଗଛ ଧରି ପଶିବା ସହ ଜିଲ୍ଲାପାଳଙ୍କୁ ମରୁଡ଼ି ଘୋଷଣା ପାଇଁ ଦାବି କରିଥିଲେ। ତାଙ୍କ ଅଭିଯୋଗ ଅନୁଯାୟୀ, ଚଳିତ ଖରିଫ ଋତୁରେ ଅଭାବୀ ବର୍ଷା ଯୋଗୁଁ ଚାଷୀକୁଳ ଚାଷ ଆରମ୍ଭରୁ ବହୁତ ହଇରାଣ ହୋଇଛନ୍ତି। ଚାଷ କାର୍ଯ୍ୟ ଆରମ୍ଭ ସମୟରେ ଯାହାର ଜଳସେଚନର ସୁବିଧା ଥିଲା ଆଗୁଆ ଚାଷ କରିଛନ୍ତି। କିନ୍ତୁ ଅଧିକାଂଶ ଚାଷୀ ବର୍ଷାକୁ ଅପେକ୍ଷା କରି ଠିକ୍ ସମୟରେ ଚାଷ କାର୍ଯ୍ୟ କରିପାରି ନାହାନ୍ତି। ଯେତେବେଳେ ବର୍ଷା ହେଲା ସମୟ ଆଗେଇ ଯାଇଥିଲେ ବି ଭବିଷ୍ୟତରେ ଭଲ ବର୍ଷାର ଆଶା ରଖି ଚାଷୀମାନେ ଧାନ ଚାଷ କାର୍ଯ୍ୟ କରିଥିଲେ। ହେଲେ ବର୍ତ୍ତମାନ ଧାନ କେଣ୍ଡା ଆସିବା ପରେ ବର୍ଷାର ଅଭାବ ଯୋଗୁଁ ଡିପ ଜମିମାନଙ୍କରେ ଧାନ ପକ୍କ ହୋଇ ନପାରି ପଚାଶ ପ୍ରତିଶତରୁ ଅଧିକ କ୍ଷତି ହୋଇଯାଇଛି। କେତେକ ଚାଷୀ ଧାର କରଜ କରି ଚାଷ କରିଥିବାବେଳେ ଶେଷରେ ଏପରି କ୍ଷତି ସହିବାରୁ ଭାଙ୍ଗି ପଡ଼ିଛନ୍ତି। ଏଣୁ ଏହାର ସରଜମିନ ତଦନ୍ତ କରି କ୍ଷତିପୂରଣ ଯୋଗାଇ ଦେବାକୁ ଜିଲ୍ଲାପାଳଙ୍କୁ ଚାଷୀମାନେ ଅନୁରୋଧ କରିଛନ୍ତି।

**ବେଆଇନ ସ୍କ୍ରାପ୍ କାରବାର ରୋକିବାକୁ ଏସ୍‌ପିଙ୍କ ପଦକ୍ଷେପ**

## ୭ ଦିନ ଭିତରେ କଣ୍ଟା ବନ୍ଦ ପାଇଁ ନିର୍ଦ୍ଦେଶ



**ରାଉରକେଲା, ୧୪।୧୧(ସମିସ):** ରାଉରକେଲା ସହରରେ ବିଭିନ୍ନ ଥାନା ଅଞ୍ଚଳରେ ଚାଲୁଥିବା ବେଆଇନ ସ୍କ୍ରାପ କାରବାର ଉପରେ ରୋକ ଲଗାଇବା ପାଇଁ ଏସପି ନିତେଶ ୱାଧୱାନୀ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିଛନ୍ତି। ଯଦି ଆସନ୍ତା ୭ ଦିନ ଭିତରେ ସହରରେ ଚାଲିଥିବା ବେଆଇନ କଣ୍ଟା କାରବାରକୁ ସମ୍ପୂର୍ଣ୍ଣ ବନ୍ଦ କରିବା ବିଭିନ୍ନ ଥାନାର ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଏସପି ଶ୍ରୀ ୱାଧୱାନୀ ନିର୍ଦ୍ଦେଶ ଦେଇଛନ୍ତି। ଯଦି ଏହା କାର୍ଯ୍ୟକାରୀ ନ ହୁଏ ତେବେ ଚୋରା କଣ୍ଟା ବ୍ୟବସାୟୀଙ୍କ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ ଚେତାବନୀ ଦେଇଛନ୍ତି। ଏ ନେଇ ଆଜି ରାଉରକେଲା ଏସପିଙ୍କ କାର୍ଯ୍ୟାଳୟଠାରେ ସବୁ ଥାନାର ଇନିସପେକ୍ଟର, ଡିଏସ୍‌ପି ଏବଂ ସ୍କ୍ରାପ୍ ବ୍ୟବସାୟୀମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଏସପି ଶ୍ରୀ ୱାଧୱାନୀ କହିଲେ ଯେଉଁମାନେ ସ୍କ୍ରାପ୍ କାରବାର କରୁଛନ୍ତି ସେମାନେ ଏକ ବୈଧ ସ୍କ୍ରାପ ଗୋଦାମ କରିବେ। ଏତଦବ୍ୟତୀତ ସେମାନେ କୌଣସି ବେଆଇନ ତଥା ଚୋରା ସ୍କ୍ରାପ କାହା ଠାରୁ କ୍ରୟ କରିବା କିମ୍ବା କୌଣସି ବ୍ୟକ୍ତିକୁ ବିକ୍ରି ପାରିବେ ନାହିଁ। ଏକ ବୈଧ ଷ୍ଟକୟାର୍ଡ କରି ସେଠାରୁ ନିୟମ ପରିସର ମଧ୍ୟରେ ସ୍କ୍ରାପ ବ୍ୟବସାୟ କରିବା ସେ କହିଥିଲେ। ଏହାଦ୍ୱାରା ଚୋରା ସ୍କ୍ରାପ କାରବାର ବନ୍ଦ ହେବା ସହ ଚୋରି ବି ହ୍ରାସ ପାଇବ ବୋଲି ଏସ୍‌ପି କହିଥିଲେ।

## ୫୫ ହଜାର ନେଇଗଲେ ସାଇବର ଠକ

**ସୁନ୍ଦରଗଡ଼, ୧୪।୧୧(ସମିସ):** ଭଷ୍ମା ଥାନା ଅନ୍ତର୍ଗତ କଇଁସରା ଗ୍ରାମର ଜଣେ ଯୁବକ ଅନଲାଇନ ଠକେଇର ଶିକାର ହୋଇଛନ୍ତି। ସମ୍ପୃକ୍ତ ଯୁବକ ଦେବେନ ନାଏକଙ୍କ ଠାରୁ ସାଇବର ଠକ ୫୫ ହଜାର ଟଙ୍କା ଠକି ନେଇଛନ୍ତି। ଦେବେନଙ୍କ ମୋବାଇଲକୁ ଜିଓ କମ୍ପାନୀର ଏକ ଲିଙ୍କ ଆସିଥିଲା। ମୁଁ କଷ୍ଟମର କେୟାରରୁ କହୁଛି କହି ଉକ୍ତ ଲିଙ୍କରେ ରହିଥିବା ତଥ୍ୟ ପୂରଣ କରିବାକୁ କୁହା ଯାଇଥିଲା। ତେବେ ସେ ପୁରା ତଥ୍ୟ ପୂରଣ କରି ନ ଥିଲେ ହେଁ ତାଙ୍କ ଜମା ଖାତାରୁ ୫୫ ହଜାର ଟଙ୍କା କଟି ଯାଇଛି। ଦେବେନ ସାଇବର ଠକେଇର ଶିକାର ହୋଇଥିବା ଜାଣିବା ପରେ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଏ ନେଇ ପୁଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ଡିଏଭି ବସ୍ତିରେ ହନୁମାନ ମନ୍ଦିରର ପ୍ରତିଷ୍ଠା

**ରାଉରକେଲା, ୧୪।୧୧(ସମିସ):** ବାସନ୍ତୀ କଲୋନୀ ସ୍ଥିତ ଡିଏଭି ବସ୍ତି ଠାରେ ହନୁମାନ ମନ୍ଦିରର ପ୍ରାଣ ପ୍ରତିଷ୍ଠା ଉତ୍ସବ ପାଳିତ ହୋଇଯାଇଛି। ଏହି କ୍ରମରେ ମଙ୍ଗଳବାର କଳସ ଯାତ୍ରା, ବୁଧବାର ହୋମ ଯଜ୍ଞ, ଗୁରୁବାର ପୂର୍ଣ୍ଣାହୁତି ଦିଆଯାଇଛି। କର୍ତ୍ତା ଭାବେ ପ୍ରବୋଧ ଦାସ ଓ ଧର୍ମପତ୍ନୀ ରାଜେଶ୍ୱରୀ ଦାସ ପୂଜାର ଦାୟିତ୍ୱ ନିର୍ବାହ କରିଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ଭାବେ କଂଗ୍ରେସ ପ୍ରାକ୍ତନ ପ୍ରାର୍ଥୀ ବିରେନ୍ଦ୍ର ନାଥ ପଟ୍ଟନାୟକ ଯୋଗ ଦେଇ ଉଦ୍ଘାଟନ କରିଥିଲେ। ବିଭିନ୍ନ ଶ୍ରେଣୀର ଲୋକ ସମେତ ଶ୍ରଦ୍ଧାଳୁ ମାନେ ଯୋଗ ଦେଇଥିଲେ। ବିଧିବିଧାନରେ ପୂଜାର ସମସ୍ତ କାର୍ଯ୍ୟ ସମାପନ ହେବା ପରେ ପ୍ରସାଦ ସେବନର ଆୟୋଜନ ହୋଇଥିଲା।

## ହେମଗିରିରେ ଶିଶୁ ଦିବସ ପାଳିତ



**ହେମଗିରି, ୧୪।୧୧(ସମିସ):** ହେମଗିରି ବ୍ଲକର ଶିକ୍ଷାନୁଷ୍ଠାନ ସହ ବିଭିନ୍ନ ସ୍ଥାନରେ ଶିଶୁ ଦିବସ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ହେମଗିରିର ବିଲେଇମୁଣ୍ଡାସ୍ଥିତ ଜୟ ବଜରଙ୍ଗ କ୍ଲବ ଆନୁକୂଲ୍ୟରେ କୁନିକୁନି ପିଲାଙ୍କୁ ନେଇ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଭିନ୍ନ ଖେଳ ପ୍ରତିଯୋଗିତା ତଥା ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଜୁନିଅର ଓ ସିନିଅର ମୋଟ ୩୩ଟି ଖେଳ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ରୂପେ ଜୟ ବଜରଙ୍ଗ କ୍ଲବ ଉପଦେଷ୍ଟା ଜଗଦୀଶ ପ୍ରସାଦ ସାହୁ ଥିବାବେଳେ ଉଦ୍‌ଯାପନୀ ଉତ୍ସବର ମୁଖ୍ୟ ଅତିଥି ରୂପେ ପୂର୍ବତନ ଅଧ୍ୟକ୍ଷ ଗୋପାଳ ଚନ୍ଦ୍ର ପଧାନ ରହିଥିଲେ। ସମ୍ମାନିତ ଅତିଥି ଭାବେ ପୁନୁଲାଲ ସା, ଗୌରୀଶଙ୍କର ହୋତା, ସଭାପତି ଘାସିରାମ ନାଏକ, ସମ୍ପାଦକ ଉତ୍ତର ନାଏକ, ମନୋଜ ଅଗ୍ରୱାଲ, ନୀଳାମ୍ବର ସା, ଉଦୟରାମ ନାଏକ, ଚିତ୍ରସେନ ଭୋଇ ପ୍ରମୁଖ ମଞ୍ଚାସୀନ ଥିଲେ। ରଞ୍ଜନ ମହାନନ୍ଦିଆ ଏବଂ ନୃପମଣି ନାଏକ ମଞ୍ଚ ପରିଚାଳନା ଦାୟିତ୍ୱ ଗ୍ରହଣ କରିଥିଲେ। ଜୟ ବଜରଙ୍ଗ କ୍ଲବ୍‌ର ସଭ୍ୟ ସୁକେଶ ପଧାନ, ସାଗର ଭୋଇ, ଗିରିଶ, କାହ୍ନୁ ବାଗ, ମହେଶ ମାଝୀ, ଗଗନ ନାଏକ, କୌଶଳ ନାଏକ, ମୁରଲୀ ମାଝୀ ଓ ଗ୍ରାମବାସୀ ସହଯୋଗ କରିଥିଲେ।

## ଅଗ୍ରଜା ସିଡ୍‌ସ ପକ୍ଷରୁ କ୍ଷେତ୍ର ପ୍ରଦର୍ଶନୀ ମେଳା




**ସୁନ୍ଦରଗଡ଼, ୧୪।୧୧(ସମିସ):** ଟାଙ୍ଗରପାଲି ବ୍ଲକ ବିଲେଇଗଡ଼ ତେନ୍ତୁଳିଡିପାରେ ଅଗ୍ରଜା ସିଡସ ତରଫରୁ ଏକ କ୍ଷେତ୍ର ପ୍ରଦର୍ଶନୀ ମେଳା ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ଛତିଶଗଡ଼ ଏରିଆ ମ୍ୟାନେଜର ନରେଶ କୁମାର ସାହୁ, ଓଡ଼ିଶା ଏରିଆ ମ୍ୟାନେଜର ପ୍ରେମାନନ୍ଦ ସ୍ୱାଇଁ, ସେଲସ୍ ମ୍ୟାନେଜର ପ୍ରଶାନ୍ତ ପଧାନ, କ୍ଷେତ୍ର ଉନ୍ନୟନ ଅଧିକାରୀ ବ୍ରଜେସ ବିଶ୍ୱାଳ ଉପସ୍ଥିତ ରହି ଚାଷୀ ମାନଙ୍କୁ ଅଗ୍ରଜା ସିଡସ ବିଷୟରେ ବୁଝାଇ ଥିଲେ। ଝାରସୁଗୁଡ଼ାର ଜିଲ୍ଲା ଭୋଇମୁଣ୍ଡା ଗ୍ରାମର ବିନୋଦ କୁମାର ମେହେର ପାୟଲ ସିଡସର ଡିଷ୍ଟ୍ରିବ୍ୟୁଟର ଉପସ୍ଥିତ ରହି ଚାଷୀ ମାନଙ୍କୁ ଧାନର ସଫଳ କୃଷି ପାଇଁ ଉପଯୁକ୍ତ ପରାମର୍ଶ ଦେଇ ଥିଲେ। ଅଗ୍ରଜା ସିଡସର ଅଧିକ ଅମଳକ୍ଷମ ଗଙ୍ଗା, ସଙ୍ଗୀତା- ୮, ସୁଜାତା, ସିଲିକନ୍ - ୬୦, ମହିମା, ବ୍ଲାକ ଡାଇମଣ୍ଡ ଆଦି ମଞ୍ଜି ଗୁଡ଼ିକ ରହିଛି ବୋଲି ସୂଚନା ଦିଆ ଯାଇଥିଲା। ବିଲେଇଗଡ଼ ଗ୍ରାମର ମାନସ କୁମାର ପଟେଲ ନାମକ ଏକ ଚାଷୀ ୮ ଏକର ଜମିରେ ଅଗ୍ରଜା ସିଡସର ବ୍ଲାକ ଡାଇମଣ୍ଡ ମଞ୍ଜି ଏବଂ ୧୨ ଏକର ଜମିରେ ଅଗ୍ରଜା ସିଡସର ଅନ୍ୟ ଧାନ ଚାଷ କରି ଅଞ୍ଚଳରେ ଉଦାହରଣ ସୃଷ୍ଟି କରି ପାରିଛନ୍ତି। ତେଣୁ ଏହି କ୍ଷେତ୍ର ପ୍ରଦର୍ଶନୀ ମେଳାରେ ଶ୍ରୀ ପଟେଲଙ୍କୁ କମ୍ପାନୀ ପକ୍ଷରୁ ସମ୍ବର୍ଦ୍ଧିତ କରା ଯାଇଥିଲା। ବିଭିନ୍ନ ଗ୍ରାମରୁ ପ୍ରାୟ ୨୦୦ ଜଣ ଚାଷୀ ଉପସ୍ଥିତ ରହି ଧାନର ସଫଳ କୃଷି ପାଇଁ ଜ୍ଞାନ କୌଶଳ ଆହରଣ କରିଥିଲେ।

## କୁତ୍ରା ଲ୍ୟାମ୍ପସ୍ ପକ୍ଷରୁ ସମବାୟ ସପ୍ତାହ



**କୁତ୍ରା,୧୪।୧୧(ସମିସ):** ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ବ୍ଲକର ସଦରମହକୁମା କୁତ୍ରାରେ ଥିବା ଲ୍ୟାମ୍ପସ୍‌ଠାରେ ଗୁରୁବାର ୭୧ତମ ସମବାୟ ସପ୍ତାହ ପାଳିତ ହୋଇଯାଇଛି। ପ୍ରଥମେ କୁତ୍ରା ଲ୍ୟାମ୍ପସ୍‌ର ସଭାପତି ମଙ୍ଗଳ କୁଜୁରଙ୍କ ଦ୍ୱାରା ସମବାୟ ସପ୍ତାହ ପାଇଁ ସପ୍ତରଙ୍ଗର ପତାକା ଉତ୍ତୋଳନ କରାଯାଇଥିଲା। ପରେ ସଭାପତି ମଙ୍ଗଳ କୁଜୁର ଓ ସଭ୍ୟ କିଶମଣି ପଟେଲ ଅଗ୍ରଣୀ ଚାଷୀଙ୍କୁ ସମ୍ମାନିତ କରିଥିଲେ। ଲ୍ୟାମ୍ପସ୍‌ର ଏମ୍‌ଡି ସତ୍ୟନାରାୟଣ ମିଶ୍ର ଚାଷୀ ଓ ସମବାୟ ମଧ୍ୟରେ ସୁସମ୍ପର୍କ ରଖି କାମ କରିବା ପାଇଁ ଆହ୍ୱାନ ଦେଇଥିଲେ। ଏହାଛଡ଼ା ଚଳିତବର୍ଷ କୁତ୍ରା ଲ୍ୟାମ୍ପସ୍‌ର ଆୟ ବଢ଼ାଇବା ପାଇଁ ଲ୍ୟାମ୍ପସ୍ ପକ୍ଷରୁ ବିଭିନ୍ନ ଯୋଜନା ହାତକୁ ନେବାକୁ ଯୋଜନା ରହିଥିବା ପ୍ରକାଶ କରିଥିଲେ। ଉକ୍ତ ସମବାୟ ସପ୍ତାହ ପାଳନ ଉତ୍ସବରେ ଅଞ୍ଚଳର ଶତାଧିକ ଚାଷୀ ଉପସ୍ଥିତ ଥିବା ଦେଖିବାକୁ ମିଳିଥିଲା।

## ରାଜ୍ୟସ୍ତରୀୟ ଦୌଡ଼କୁଦ ପ୍ରତିଯୋଗିତାରେ ସୁନ୍ଦରଗଡ଼ର ବାଜିମାତ୍

ସୁନ୍ଦରଗଡ଼, ୧୪ ।୧୧(ସମିସ): କେନ୍ଦୁଝର ଜିଲ୍ଲା ସଦର ବ୍ଲକ ଶଙ୍କରପୁରସ୍ଥିତ ଧରଣୀଧର ସ୍ପୋର୍ଟସ କମ୍ପ୍ଲେକ୍ସ ରେ ଓଡ଼ିଶା ରାଜ୍ୟ ବିଦ୍ୟାଳୟ ସଂଗଠନ ଓ ଜିଲ୍ଲା ବିଦ୍ୟାଳୟ କ୍ରୀଡା ସଙ୍ଗଠନ କେନ୍ଦୁଝର ଦ୍ୱାରା ଆୟୋଜିତ ୬୮ ତମ ଓଡ଼ିଶା ରାଜ୍ୟ ସ୍ତରୀୟ ବିଦ୍ୟାଳୟ ସମୂହ ଦୌଡ଼ କୁଦ ପ୍ରତିଯୋଗିତାରେ ସୁନ୍ଦରଗଡ଼ ଜିଲ୍ଲାର ବାଜିମାତ ହୋଇଛି। ଏହି ପ୍ରତିଯୋଗିତାରେ ସୁନ୍ଦରଗଡ଼ ଜିଲ୍ଲାର ପ୍ରତିଯୋଗିମାନେ ମୋଟ ୩୨ଟି ପଦକ ପାଇଛନ୍ତି। ଏଥିରେ ୩ ଟି ସ୍ୱର୍ଣ୍ଣ, ୧୫ଟି ରୌପ୍ୟ ଓ ୧୪ ଟି କାଂସ୍ୟ ପଦକ ରହିଥିବା ବେଳେ ୧୪ ବର୍ଷ ରୁ କମ ବାଳିକା ବର୍ଗରେ ରନର୍ସ ଅଫ ହେବାର ଗୌରବ ହାସଲ କରିଛନ୍ତି। ସୁନ୍ଦରଗଡ଼ ଜିଲ୍ଲାରୁ ମୋଟ ୯ ଜଣ ଦକ୍ଷ ଖେଳ ପରିଚାଳକ ଯାଇଥିବା ବେଳେ ୫ ଜଣିଆ ମ୍ୟାନେଜର ଦଳ ସହିତ ୨୫ ଜଣ ବାଳକ ବାଳିକା (୧୪ ଓ ୧୭) ବର୍ଷ ରୁ କମ୍ ଯୋଗ ଦେଇଥିଲେ। ଏହି ସଫଳତାକୁ ଜିଲ୍ଲା ଶିକ୍ଷା ଅଧିକାରୀ ଅମୂଲ୍ୟ କୁମାର ପଧାନ ପ୍ରଶଂସା କରିବା ସହିତ ସୁନ୍ଦରଗଡ଼ ଜିଲ୍ଲା ଦୌଡ଼ କୁଦ ପ୍ରତିଯୋଗିତାରେ ପୂର୍ବ ଗୌରବକୁ ଫେରି ଆସିଛି ବୋଲି ମତ ଦେଇଛନ୍ତି।

## ତାଡ଼ି ଓ ମଦ ଜବତ, ୧୫ ଗିରଫ

**ରାଉରକେଲା, ୧୪।୧୧(ସମିସ):** ଅବକାରୀ ବିଭାଗ ପକ୍ଷରୁ ଗତ ଦୁଇ ଦିନ ଧରି ବିଭିନ୍ନ ସ୍ଥାନରେ ଚଢ଼ଉ କରାଯାଇ ଖଜୁରୀ ତାଡ଼ି ଓ ମହୁଲି ମଦ ଜବତ କରାଯାଇଛି। ବେଆଇନ୍ ମଦ କାରବାର ଅଭିଯୋଗରେ ୧୫ ଜଣଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଲାଠିକଟା, ଏରଗଡ଼ା, ନୂଆବଜାର, ଟାଙ୍ଗରପାଲି, ଟାଇଁସର୍, ବଡ଼ମାରେନ, ବିରକେରା ଆଦି ଅଞ୍ଚଳରେ ଚଢ଼ଉ କରାଯାଇ ଥିଲା। ଘଟଣା ସ୍ଥଳରୁ ମୋଟ ୨୯୪ ଲିଟର ମଦ ଓ ୫୫୫ ଲିଟର ତାଡି ଜବତ କରାଯାଇଛି।

**ବିଭିନ୍ନ ସ୍ଥାନରେ ଶିଶୁ ଦିବସ**

# ପିଲାମାନଙ୍କ ଉପରେ ରାଷ୍ଟ୍ରର ଭବିଷ୍ୟତ ନିର୍ଭର କରେ




**ସୁନ୍ଦରଗଡ଼, ୧୪।୧୧(ସମିସ):** ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ପ୍ରାଧିକରଣ ଅଧ୍ୟକ୍ଷ ତଥା ଜିଲ୍ଲା ଓ ଦୌରାଜଜ୍ ଶିଖା ରାଣୀ ରଥଙ୍କ ତତ୍ତ୍ୱାବଧାନରେ ସବ୍‌ଡେଗା ବ୍ଲକ କରମିଡିହିସ୍ଥିତ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଠାରେ ଏକ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ ଡକ୍ଟର ରୀନତି ମିଶ୍ର ଯୋଗ ଦେଇଥିଲେ। ବାଲ୍ୟ ବିବାହ ନିରାକରଣ ଅଧିକାରୀ ମିନତୀ ପ୍ରଧାନ ଏବଂ ଶିଶୁ ମଙ୍ଗଳ ସମିତିର ଅଧ୍ୟକ୍ଷ ନନ୍ଦଲାଲନ ନାଏକ ପିଲାମାନଙ୍କ ପାଇଁ ଥିବା ନିୟମଗୁଡ଼ିକୁ ଅବଗତ କରାଇଥିଲେ। ନ୍ୟାୟ ରକ୍ଷକ ସନ୍ତୋଷ ପ୍ରଧାନ, ଡିଏସ୍‌ପି କାଦମ୍ବିନୀ ସାମଲଙ୍କ ସମେତ ସ୍କୁଲ ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ତଥା ସ୍କୁଲ ଲିଗାଲ ଲିଟ୍ରେସି କ୍ଲବର ସଦସ୍ୟମାନେ ଉପସ୍ଥିତ ରହି ନିଜ ନିଜର ମତ ବ୍ୟକ୍ତ କରିଥିଲେ। ଶିଶୁ ଦିବସ ଉପଲକ୍ଷେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ତରଫରୁ ହୋଇଥିବା ବକ୍ତୃତା, ପ୍ରବନ୍ଧ ଲିଖନ ତଥା ଚିତ୍ରାଙ୍କନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରା ଯାଇଥିଲା। ଶେଷରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ନନ୍ଦିତା ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।

**ଡିଏଭି ପବ୍ଲିକ୍ ସ୍କୁଲ୍**

ଏମ୍‌ସିଏଲ୍ ଦ୍ୱାରା ପରିଚାଳିତ ଛଟେନପାଲିସ୍ଥିତ ଡିଏଭି ପବ୍ଲିକ୍ ସ୍କୁଲ୍‌ରେ ଶିଶୁ ଦିବସ ପାଳିତ ହୋଇଯାଇଛି। ପ୍ରଥମେ



ଅତିଥିମାନେ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହାରଲାଲ ନେହେରୁଙ୍କ ଫଟୋ ଚିତ୍ରରେ ମଲ୍ୟାର୍ପଣ କରି ଶ୍ରଦ୍ଧା ସୁମନ ଜଣାଇଥିଲେ। ସମାରୋହରେ ବସୁନ୍ଧରା ମହାଲକ୍ଷ୍ମୀ ଏରିଆର ଜେନେରାଲ ମ୍ୟାନେଜର ସତ୍ୟଜିତ୍ ଓଝା ମୁଖ୍ୟ ଅତିଥି ଭାବେ



ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ମହାଲକ୍ଷ୍ମୀ ଏରିଆ ମହିଳା ଚେତନା ମଣ୍ଡଳର ସଭାନେତ୍ରୀ ଅଞ୍ଜଳି ଓଝା ନାରୀ ସଶକ୍ତୀକରଣ ଉପରେ ଆଲୋଚନା କରିଥିଲେ। ସିଭିଲ୍ ଷ୍ଟାଫ୍ ଅଫିସର ଚିତ୍ତରଞ୍ଜନ କୁମାର, ଡେପୁଟି ପର୍ସନାଲ ମ୍ୟାନେଜର ଅଜିତ କୁମାର ସେଠ୍, ସିଭିଲ୍ ଡେପୁଟି ମ୍ୟାନେଜର ଦୀପାଂଶୁ ଚିହ୍ନାରା, ସିଭିଲ୍ ଇଞ୍ଜିନିୟର ଶଶିଭୂଷଣ ପାତ୍ର ତାଙ୍କ ଅଭିଭାଷଣରେ ମେଧାବୀ ଛାତ୍ରଛାତ୍ରୀଙ୍କର ପ୍ରଶଂସା କରିଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ରଞ୍ଜନ କୁମାର ପଟେଲ ଶିଶୁ ଦିବସ ପାଳନର ତାତ୍ପର୍ଯ୍ୟ ବୁଝାଇଥିଲେ। ଓଡ଼ିଆ ଐତିହ୍ୟ, ସଂସ୍କୃତି ଓ ପରମ୍ପରାକୁ ଉଜ୍ଜୀବିତ କରିବାକୁ ଯାଇ ଛାତ୍ରଛାତ୍ରୀଙ୍କ ସହ ଅତିଥିଗଣ ବୋଇତ ବନ୍ଦାଣ ଉତ୍ସବ ପାଳନ କରିଥିଲେ। ଏହି ଅବସରରେ ନର୍ସରୀ ଶ୍ରେଣୀର ଛାତ୍ରଛାତ୍ରୀଙ୍କୁ ନେଇ କୌତୁକ ବେଶ, ତୃତୀୟରୁ ପଞ୍ଚମ ଶ୍ରେଣୀର ଛାତ୍ରଛାତ୍ରୀଙ୍କୁ ନେଇ ମ୍ୟୁଜିକ୍ ଚେୟାର ଓ ଇଣ୍ଟର୍ ହାଉସ୍ ଛାତ୍ରଛାତ୍ରୀଙ୍କ ମଧ୍ୟରେ ନୃତ୍ୟ ପ୍ରତିଯୋଗିତା କରାଯାଇଥିଲା। ପରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

**ଦର୍ଶନ ଏକାଡେମୀ**

ଟାଙ୍ଗରପାଲି ବ୍ଲକ ମହୁଲପାଲିସ୍ଥିତ ଦର୍ଶନ ଏକାଡେମୀରେ ଶିଶୁ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ସମସ୍ତ ଶିକ୍ଷକ ଏକତ୍ରିତ ହୋଇ ଏକ ସ୍ୱତନ୍ତ୍ର ପ୍ରାର୍ଥନା ସମାରୋହ ଆୟୋଜନ କରିଥିଲେ। ସମାରୋହରେ ପ୍ରଧାନ ଆଚାର୍ଯ୍ୟ ପିଲାମାନଙ୍କୁ ସର୍ବଦା ସଠିକ୍ ମାର୍ଗରେ ଅନୁସରଣ କରିବାକୁ ପରାମର୍ଶ ଦେଇଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ପିଲାମାନେ ନୃତ୍ୟ, ସଙ୍ଗୀତ ପରିବେଷଣ ସହ ଫ୍ୟାନ୍ସି ଡ୍ରେସ୍ ପ୍ରଦର୍ଶନ କରିଥିଲେ।

**ସାର୍ଗୁକିଶାନ ଉଚ୍ଚ ବିଦ୍ୟାଳୟ**

**କୁତ୍ରା:** ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ବ୍ଲକ ସାର୍ଗୁକିଶାନ ସରକାରୀ ଉଚ୍ଚ ବିଦ୍ୟାଳୟରେ ଶିଶୁ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଅମରେଶ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ବିଦ୍ୟାଳୟର ପ୍ରତିଷ୍ଠାତା ବିଆରଟି ତ୍ରିଲୋଚନ ସିଂ, ବିଦ୍ୟାଳୟର ଏସ୍‌ଏମ୍‌ସି ପ୍ରେସିଡେଣ୍ଟ ଶ୍ରୀକାନ୍ତ ମାଝୀ, ଆଲୁମିନା ମେମ୍ବର ଜନ୍ମଜୟ ଲାକ୍ରା ପ୍ରମୁଖ ଉପସ୍ଥିତ ଥିଲେ। ସର୍ବପ୍ରଥମେ ଜବାହରଲାଲ ନେହେରୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଅତିଥିମାନେ ଛାତ୍ରଛାତ୍ରୀଙ୍କୁ ଶିଶୁ ଦିବସ ପାଳନର ଉଦ୍ଦେଶ୍ୟ ଉପରେ ଅଭିଭାଷଣ ରଖିଥିଲେ। ଏହା ପରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରାଯାଇଥିଲା। ଶିଶୁ ମହୋତ୍ସବର ଉଦ୍‌ଯାପନୀ ସମାରୋହରେ ଜେଏସ୍‌ଡବ୍ଲୁର ସିଏସ୍‌ଆର୍ ଅଧିକାରୀ ଅଲେଖ ଦଳେଇ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ଏହି ମହୋତ୍ସବର ସମସ୍ତ କାର୍ଯ୍ୟକ୍ରମକୁ ବିଦ୍ୟାଳୟର ବରିଷ୍ଠ ଶିକ୍ଷୟିତ୍ରୀ ପ୍ରିୟଦର୍ଶିନୀ ପାଢ଼ୀ ପରିଚାଳନା କରିଥିଲେ। ଶିକ୍ଷକ ବିକାଶ ଟପ୍ପୋ, ରାମେଶ୍ୱର ଲାକ୍ରା, ସୁମିତ୍ରା ବାର୍ଲା, ତୁଷାର ତାଣ୍ଡି, ମନଭାଙ୍ଗୀ ନାଏକ, କିରନ ଏକ୍କା, କରିସ୍ମା କେରକେଟା, ଉମାଶଙ୍କର ମଲ୍ଲିକ, ପୁଲିନ୍ଦ୍ର ଦେଉରିଆ, ଦ୍ରୌପଦୀ ସାହୁ,



ବଇଲୋ କିଶାନ, ତୁନମୁରା ସରପଞ୍ଚ ତରଣୀ ସେନ ବରିହା, ସମିତିସଭ୍ୟା କୁର୍ଦୁଲା କୁଲ୍ଲୁ, ସାମ୍ବାଦିକ ପ୍ରଶାନ୍ତ ସାହୁ, ଦେବାଶିଷ ସାହୁ, ରଶ୍ମି ମିଞ୍ଜ, ମାର୍ସିଆ ଟେଟେ, ଅଞ୍ଜଳି ତିଗା, ରୋମାଞ୍ଚ ତାଣ୍ଡିଆ, ପାନକୁ ଏକ୍କା, ଜର୍ଜ ବରୁଆ ପ୍ରମୁଖ ସହଯୋଗ କରିଥିଲେ।

ନନ୍ଦନବନ ହେବ ବୋଲି ସୁରକ୍ଷିତ ଥିଲା; ଏବେ ଢିଲା

# ଉଜୁଡ଼ିଯିବାକୁ ବସିଲାଣି ବାଙ୍କମୁଣ୍ଡି ଜଙ୍ଗଲ

**ବୌଦ୍ଧ, ୧୪।୧୧(ସମିସ)**

ନନ୍ଦନବନ ହେବ ବୋଲି ବୌଦ୍ଧ ଜିଲ୍ଲାବାସୀଙ୍କ ଅନେକ ସ୍ୱପ୍ନ ଥିଲା; କିନ୍ତୁ ଅଧାରେ ରହିଗଲା ସ୍ୱପ୍ନ। ବୌଦ୍ଧ ଜିଲ୍ଲା ବୀରନରସିଂହପୁରଠୁ ଆରମ୍ଭ କରି ୧୫ଶହ ହେକ୍ଟର ପରିମିତ ଜଙ୍ଗଲ ମଧ୍ୟରେ ହୋଇଥାନ୍ତା ପ୍ରକଳ୍ପ। ଦେଶର ସବୁଠାରୁ ବଡ଼ ପର୍ଯ୍ୟଟନ ସ୍ଥଳ ଭାବେ ପରିଚିତ ହୋଇଥାନ୍ତା। ବୌଦ୍ଧ ଜିଲ୍ଲାର ତତ୍କାଳୀନ ଜିଲ୍ଲାପାଳ ଲଲାଟେନ୍ଦୁ ମିଶ୍ର ଓ ପ୍ରଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅଧ୍ୟକ୍ଷଙ୍କ ସମୟରେ ନକ୍ସା ମଧ୍ୟ ପ୍ରସ୍ତୁତ ହୋଇଥିଲା। ରାଜ୍ୟ ସରକାର ଓ କେନ୍ଦ୍ର ସରକାରଙ୍କ ଠାରୁ ସୁପାରିଶ ହୋଇଥିଲେ ୫୦୦ କୋଟି ପ୍ରକଳ୍ପ କାର୍ଯ୍ୟକାରୀ ହୋଇଥାନ୍ତା। ଏ ସମ୍ପର୍କ ରେ ବିଭାଗୀୟ ଅଧିକାରୀଙ୍କୁ ପ୍ରକଳ୍ପ ବିଷୟ ଜାଣିବାକୁ ପଚାରିଥିଲେ ମଧ୍ୟ ଠିକ ଉତ୍ତର ମିଳି ପାରୁନାହିଁ। ଏହାଫଳରେ ଏତେବଡ ପ୍ରକଳ୍ପ କାହିଁକି ଏବଂ କେଉଁ କାରଣରୁ ଅଟକି ରହିଲା ଜାଣିବା କଷ୍ଟକର ହେଉଛି। ସେ ସମୟରେ କାର୍ଯ୍ୟ ଆରମ୍ଭ ହେବ କହି ପଶ୍ଚିମ ଓଡ଼ିଶା ବିକାଶ ପରିଷଦରୁ ୨ କୋଟି ଟଙ୍କା ଅର୍ଥ ମଞ୍ଜୁର ହୋଇଥିଲା; କିନ୍ତୁ ନାମକୁ ମାତ୍ର କାଁ ଭାଁ କାମ ଦର୍ଶାଇ ଲକ୍ଷ ଲକ୍ଷ ଅର୍ଥ ଆତ୍ମସାତ କରାଯାଇଛି। ଏପଟେ ପ୍ରକଳ୍ପ ହେବ ବୋଲି ବନ ବିଭାଗର ସୁରକ୍ଷା ବ୍ୟବସ୍ଥା କଡା କଡ଼ି ଥିଲା; କିନ୍ତୁ ପରବର୍ତ୍ତୀ ସମୟରେ ରକ୍ଷଣାବେକ୍ଷଣ ଅଭାବ ଯୋଗୁଁ ଜଙ୍ଗଲ ମାଫିଆ ଓ ବନ୍ୟଜନ୍ତୁ ଶିକାରୀ ବର୍ତ୍ତମାନ ସକ୍ରିୟ ହୋଇପଡ଼ିଛନ୍ତି। ଅବାଧ ଗଛକଟା ଚାଲିଛି। ମୂଲ୍ୟବାନ ଗଛ କାଟ ନିଆଯାଉଛି। ଦେବଗଡ଼, ରାୟପୁର, କରୁଣାପାଲି ଜଙ୍ଗଲ ଅଞ୍ଚଳରେ ଅବାଧ ଜନ୍ତୁ ଶିକାର ହେଉଛି। ସମ୍ପୃକ୍ତ ଗାର୍ଡ, ଫରେଷ୍ଟର, ଜାଗୁଆଳିଙ୍କ ଦାୟିତ୍ୱ ହୀନତା ପାଇଁ ଏଭଳି ହେଉଛି। ଏପଟେ ଜଙ୍ଗଲ ସୁରକ୍ଷା ପାଇଁ ଅନେକ ଜଗୁଆଳିଠୁ ଆରମ୍ଭ କରି ଗାର୍ଡ, ଫରେଷ୍ଟର ନିୟୋଜିତ ଅଛନ୍ତି; କିନ୍ତୁ ଧର୍ମକୁ ଆଖିଠାର ଭଳି କାର୍ଯ୍ୟ କରୁଥିବାରୁ ଦିନକୁ ଦିନ ଏଭଳି ଚିତ୍ର ବଢ଼ିବାରେ ଲାଗିଛି। ଏହି ଅଞ୍ଚଳକୁ ନୂଆପଡ଼ା, ବୀରମଚନ୍ଦ୍ରପୁର, ବୀରନରସିଂହପୁର, ଖଜୁରୀପଡ଼ା, ପଙ୍କୁଆଳ ଗ୍ରାମବାସୀ ଦୀର୍ଘ ବର୍ଷ ହେବ ଜଗି ଆସୁଥିଲେ; ହେଲେ ପ୍ରକଳ୍ପ ନିର୍ମାଣ ହେବ ଓ ଅଞ୍ଚଳର ବିକାଶ ହେବ ବୋଲି ଜଣାପଡ଼ିବା ପରେ ସେମାନେ ଜଙ୍ଗଲ ଛାଡି ଦେଇଥିଲେ। ବର୍ତ୍ତମାନ ମୂଲ୍ୟବାନ ସବୁଜ ହୀରା କୁହାଯାଉଥିବା ଜଙ୍ଗଲ ଉଜୁଡ଼ିଯିବା ନେଇ ଅଞ୍ଚଳବାସୀ ଦୁଃଖ ପ୍ରକାଶ କରିଛନ୍ତି। ପ୍ରକଳ୍ପ ଅଧାବାଟରେ ରହି ଯାଇଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଛି। ତୁରନ୍ତ ଜଙ୍ଗଲ ସମ୍ପଦର ସୁରକ୍ଷା ପ୍ରତି ଦୃଷ୍ଟି ନ ଦେଲେ ପ୍ରସ୍ତାବିତ ନନ୍ଦନବନ ପ୍ରକଳ୍ପ ଗଛ ଶୂନ୍ୟ ହୋଇପଡ଼ିବ। ଜଙ୍ଗଲ ସମ୍ପଦର ସୁରକ୍ଷା ନେଇ ବୌଦ୍ଧ ବନ ବିଭାଗ ପଦକ୍ଷେପ ଗ୍ରହଣ ନ କଲେ ଅଞ୍ଚଳବାସୀଙ୍କ ମଧ୍ୟରେ କୁହୁଳୁଥିବା ଅସନ୍ତୋଷ ଜନ ଆନ୍ଦୋଳନର ରୂପ ନେବା ଜଳ ଜଳ ଦିଶୁଛି।



# ତମାଖୁମୁକ୍ତ ଯୁବ ଅଭିଯାନ ଆରମ୍ଭ



**ବୌଦ୍ଧ, ୧୪।୧୧(ସମିସ):** ବୌଦ୍ଧ ଜିଲ୍ଲାରେ ତମାଖୁ ମୁକ୍ତ ଯୁବ ଅଭିଯାନ ଆରମ୍ଭ ହୋଇଛି। ଏହି ଉପଲକ୍ଷେ ଏକ ବୈଠକ ଜିଲ୍ଲାପାଳ ସୁବ୍ରତ ପଣ୍ଡାଙ୍କ ଅଧ୍ୟକ୍ଷତାରେ ତାଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ତମାଖୁ ମୁକ୍ତ ଯୁବ ଅଭିଯାନର ଆୟୋଜନ ସମ୍ପର୍କରେ ତମାଖୁ ନିୟନ୍ତ୍ରଣ ପରାମର୍ଶଦାତା ଆଲୋକ ମିଶ୍ର ଆଲୋକପାତ କରିଥିଲେ। ଜିଲ୍ଲାପାଳଙ୍କ ଯୋଜନା ଓ ନିର୍ଦ୍ଦେଶ ଅନୁଯାୟୀ ସମସ୍ତ ଶିକ୍ଷାନୁଷ୍ଠାନରେ ତମାଖୁମୁକ୍ତ ଯୋଜନା ଆରମ୍ଭ କରାଯିବ। ଏଥିସହିତ ତମାଖୁ ବିକ୍ରି ଏବଂ କୋଟପା ନିୟମକୁ ଆହୁରି ସୁଦୃଢ଼ କରାଯିବ। ପ୍ରତ୍ୟେକ ଗ୍ରାମକୁ ତମାଖୁ ମୁକ୍ତ ଗ୍ରାମ କରାଯିବା ପାଇଁ ସମସ୍ତ ପ୍ରକାର ପଦକ୍ଷେପ ଗ୍ରହଣ କରାଯିବାକୁ ବୈଠକରେ ନଷ୍ପତ୍ତି ଗ୍ରହଣ କରାଯାଇଛି। ଗ୍ରାମସଭା ସହିତ ଜନନଗହଳି ସ୍ଥାନରେ ପ୍ରଚାର ମାଧ୍ୟମରେ, ଗଣମାଧ୍ୟମ ଓ ସାମାଜିକ ଗଣମାଧ୍ୟମରେ ତମାଖୁ ସେବନରୁ ଯୁବ ପିଢି ଓ ସମସ୍ତ ବର୍ଗର ଲୋକ ଦୂରେଇ ରହିବା ପାଇଁ ସଚେତନତା ସୃଷ୍ଟି କରିବାକୁ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଶିକ୍ଷା ବିଭାଗ, ପୁଲିସ, ଅବକାରୀ, ଜିଲା ମଙ୍ଗଳ ବିଭାଗ ଏବଂ ଅନ୍ୟାନ୍ୟ ବିଭାଗ ମିଳିତ ଭାବେ ଏହି ଅଭିଯାନରେ ସାମିଲ ହୋଇ ଜନସଚେତନତା କାର୍ଯ୍ୟକ୍ରମ ମାଧ୍ୟମରେ ଲୋକଙ୍କୁ ସଚେତନ କରାଇବେ। ଏହି ଅବସରରେ ଉପସ୍ଥିତ ଅଧିକାରୀ ଓ କର୍ମଚାରୀ ତମାଖୁ ସେବନ ନକରିବା ପାଇଁ ଶପଥ ପାଠ କରିବା ସହ ତମାଖୁ ମୁକ୍ତ ସୁସ୍ଥ ସମାଜ ଗଠନ କରିବା ପାଇଁ ଉଦ୍ୟମ କରିବେ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅଭିଯାନ ୨୩ ନଭେମ୍ବର ପର୍ଯ୍ୟନ୍ତ ଚାଲିବ। ତମାଖୁ ମୁକ୍ତ ଅଭିଯାନର ସଫଳତା ପାଇଁ ଜିଲାପାଳ ଶ୍ରୀ ପଣ୍ଡା ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପ୍ରଧାନ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ଜୟକୃଷ୍ଣ ମିଶ୍ର, ଡିଏସ୍‌ପି ସଂଯୁକ୍ତା ବାର୍ଲା, ଅବକାରୀ ଅଧିକ୍ଷକ ଶାନ୍ତି ମାରାଣ୍ଡିଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

## ଡମ୍ବରୁଗଡ଼ରେ ସାଧୁସନ୍ଥ ସମ୍ମିଳନୀ



**ବୌଦ୍ଧ, ୧୪।୧୧(ସମିସ)** ବୌଦ୍ଧ ଜିଲ୍ଲା ସଦର ବ୍ଲକ ତାଳସରଡ଼ା ପଞ୍ଚାୟତ ଐତିହାସିକ ସିଦ୍ଧଗୁରୁ ମଠ ଡ଼ମ୍ବରୁଗଡ଼ରେ ସାଧୁସନ୍ଥ ସମ୍ମିଳନୀ ଅନୁଷ୍ଠିତ ହୋଇ ଯାଇଛି। ସନାତନ ଧର୍ମର ପ୍ରଚାର ପ୍ରସାର, ଗୋ ସୁରକ୍ଷା ଆଦି ପ୍ରସଙ୍ଗରେ ସମ୍ମିଳନୀରେ ବ୍ୟାପକ ଆଲୋଚନା ହୋଇଥିଲା। ଡମ୍ବରୁଗଡ଼ ସିଦ୍ଧ ତପୋବନ ମଠର ତତ୍ୱାବଧାରକ ସର୍ବେଶ୍ୱର ଦାସଙ୍କ ଉପସ୍ଥିତିରେ ବୁଟୁପାଲିସ୍ଥିତ ରାଧା ମାଧବ ସେବାଶ୍ରମର ବ୍ରହ୍ମଚାରୀ ଆଦିତ୍ୟ ଦାସ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ମଠ ପରିଚାଳନା କମିଟି ସଭାପତି ପୟୋଧର ମହାକୁଡ଼, ଯଜ୍ଞ କମିଟି ସଭାପତି ପ୍ରବକ୍ତା ଗୌରୀ ପ୍ରସାଦ ସାହୁ, ସମ୍ପାଦକ କୃତ୍ତିବାସ ପଲିଆ, ପତଞ୍ଜଳି ଯୋଗ ସମିତି ବୌଦ୍ଧ ଜିଲ୍ଲା ସଂଯୋଜକ ଦେବାଶିଷ ପୁରୋହିତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସନ୍ଧ୍ୟାରେ ଶ୍ରୀ ରାଧାମାଧବ ସେବାଶ୍ରମ ଓ ବୌଦ୍ଧ ଜିଲ୍ଲା କଳା, ସଂସ୍କୃତି, ଧାର୍ମିକ ମହାସଂଘର କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ବିଧାୟକଙ୍କ ସହ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା

**ଶଗଡ଼ା, ୧୪।୧୧(ସମିସ)** କନ୍ଧମାଳ ବ୍ଲକ ଶିମିଳିପଦର ପଞ୍ଚାୟତ ଜାମୁମାଳରେ କୈଳାସୀ ଯାତ୍ରା ଉତ୍ସବରେ କନ୍ଧମାଳ ବିଧାୟକ କହ୍ନେଇ ଚରଣ ଡାଙ୍ଗ ଯୋଗ ଦେଇଛନ୍ତି। ଏହି ଅବସରରେ ଗ୍ରାମର ବିଭିନ୍ନ ସମସ୍ୟା ସମ୍ପର୍କରେ ଗ୍ରାମବାସୀ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ମୁଖ୍ୟତଃ ଗ୍ରାମରେ ଅଙ୍ଗନାବାଡ଼ି ଓ ବିଦ୍ୟାଳୟ ନ ଥିବାରୁ ଛୋଟ ଶିଶୁଙ୍କ ପ୍ରାରମ୍ଭିକ ଶିକ୍ଷା ସହ ଛାତ୍ରଛାତ୍ରୀଙ୍କ ପ୍ରାଥମିକ ଶିକ୍ଷା ବାଧାପ୍ରାପ୍ତ ହେଉଥିବା ବିଧାୟକଙ୍କ ନିକଟରେ ଗ୍ରାମବାସୀ ଅଭିଯୋଗ କରିଥିଲେ। ଏହି ସମସ୍ୟାର ସମାଧାନ ଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ବିଧାୟକଙ୍କୁ ଅନୁରୋଧ କରିଥିଲେ।



## ରାସ୍ତାରୁ ହଟିଲା ବିଦ୍ୟୁତ ତାର

**ଶଗଡ଼ା, ୧୪।୧୧(ସମିସ)** କନ୍ଧମାଳ ବ୍ଲକ ପଲସାଗୋରା ହାଇସ୍କୁଲ ଛକରୁ ଗବଯୋର ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ହେଉଛି। ପୂର୍ତ୍ତ ବିଭାଗ ପକ୍ଷରୁ ଏହି ନିର୍ମାଣ କାର୍ଯ୍ୟ ଚାଲିଛି। ତେବେ ଏହି ରାସ୍ତା ନିର୍ମାଣରେ ବାଧକ ସାଜିଥିବା ବିଦ୍ୟୁତ ତାର ରାସ୍ତାରୁ ହଟିଛି। ନିର୍ମାଣ କାର୍ଯ୍ୟ ଚାଲିଥିବା ବେଳେ ଜାମୁମାଳ ଗାଁର ଦୁଇ ପାର୍ଶ୍ୱରେ ଯାଇଥିବା ବିଦ୍ୟୁତ୍ ତାର ରାସ୍ତା ନିର୍ମାଣରେ ବାଧକ ସାଜିଥିଲା। ପଲସାଗୋରା ହାଇସ୍କୁଲ ଛକଠାରୁ ଗବଯୋର ପର୍ଯ୍ୟନ୍ତ ଦୀର୍ଘ ୮ କିଲୋମିଟର ରାସ୍ତା ନିର୍ମାଣ ପାଇଁ ପୂର୍ତ୍ତ ବିଭାଗ ପକ୍ଷରୁ ନିର୍ମାଣ କାର୍ଯ୍ୟ ଚାଲିଛି। ଜାମୁମାଳ ଗାଁ ନିକଟରେ ଏକ ଟ୍ରାନ୍ସଫର୍ମରରୁ ଗାଁ ଭିତରକୁ ଯାଇଥିବା ବିଦ୍ୟୁତ ତାର ନିର୍ମାଣ କାର୍ଯ୍ୟରେ ବାଧକ ସାଜିଥିଲା। ବହୁ ଦିନରୁ ଗାଁ ମୁଣ୍ଡରେ ଏହି ଟ୍ରାନ୍ସଫର୍ମରଟିକୁ ଅନ୍ୟତ୍ର ସ୍ଥାନାନ୍ତର କରିବା ପାଇଁ ଗ୍ରାମବାସୀ ବିଦ୍ୟୁତ୍ ବିଭାଗକୁ ବାରମ୍ବାର ଅଭିଯୋଗ କରିଥିଲେ। ବିଭାଗୀୟ ଅଧିକାରୀ କିନ୍ତୁ ଗ୍ରାମବାସୀଙ୍କ ଅଭିଯୋଗକୁ କର୍ଣ୍ଣପାତ କରୁ ନ ଥିବା ଅଭିଯୋଗ ହୋଇଥିଲା। ଏ ନେଇ ଦୈନିକ 'ସକାଳ'ରେ ଖବର ପ୍ରକାଶ ପାଇବା ପରେ ଏହାକୁ ବରଗଡ଼ ଜିଲ୍ଲାର ରମେଶ ମେହେର ଓ ବିନୋଜ କନ୍ଧେର ଟୁଇଟ କରି ବିଦ୍ୟୁତ ବିଭାଗର ଦୃଷ୍ଟି ଆକର୍ଷଣ କରିଥିଲେ। ଏହାପରେ ବିଭାଗ ପକ୍ଷରୁ ଗ୍ରାମରେ ଥିବା ବିଦ୍ୟୁତ ତାରକୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଛି।

## ରାସ୍ତା ମରାମତି କଲେ ସ୍କୁଲ ଛାତ୍ର



**ସୁବଳୟା, ୧୪।୧୧(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଅମରପାଲି ଠାରୁ ଗୁଦଗୁଦାକୁ ତିଆରି ହେଉଛି ମୁଖ୍ୟମନ୍ତ୍ରୀ ସଡକ ଯାହାକି ସବୁ ପିଚୁକାମ ସରିସାରିଛି। କିନ୍ତୁ ଉକ୍ତ ରାସ୍ତା ରେ ଅମରପାଲି ଗାଁର କିଛି ବ୍ୟକ୍ତିଙ୍କ ରୟତି ଜମି ପଡୁଥିବାରୁ ସେମାନେ ରାସ୍ତାରେ ବାଡ଼ ଦେଇ ଦୀର୍ଘ ୮ ମାସ ହେଲା ଅବରୋଧ କରିଛନ୍ତି। ତାହା ଏପର୍ଯ୍ୟନ୍ତ ସମାଧାନ ହୋଇନପାରିବାରୁ ଉକ୍ତ ସ୍ଥାନରେ ରାସ୍ତା କାମ ଅଟକି ରହିଛି। ପାଖରେ ଦେଇଥିବା ବାଇପାସ ରାସ୍ତା ମଧ୍ୟ ଖାଲ ଢିପ ହୋଇ ରହିଥିଲା ଅମରପାଲିରୁ ଗୁଦଗୁଦା ୟୁପି ସ୍କୁଲକୁ ଛାତ୍ରଛାତ୍ରୀମାନେ ପଢ଼ିବାକୁ ଯାଉଛନ୍ତି।ଗୁଦଗୁଦା ଗାଁରୁ ମଧ୍ୟ ଅମରପାଲି ହାଇସ୍କୁଲକୁ ଛାତ୍ରଛାତ୍ରୀମାନେ ପାଠ ପଢ଼ିବାକୁ ଆସିଥାନ୍ତି। ଉକ୍ତ ରାସ୍ତା ଖାଲଖମା ଯୋଗୁଁ ଯିବା ଆସିବା ପାଇଁ ଛାତ୍ରଛାତ୍ରୀ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିଲେ। ଫଳରେ ଛାତ୍ରଛାତ୍ରୀ ବାଧ୍ୟ ହୋଇ ଉକ୍ତ ରାସ୍ତାରେ ମାଟି ପକାଇ ସମତୁଲ କରିଛନ୍ତି। ସ୍ଥାନୀୟ ପ୍ରଶାସନ ଓ ବିଭାଗୀୟ ଅଧିକାରୀଙ୍କ ଖାମଖିଆଲି ମନୋଭାବ ଯୋଗୁଁ ରାସ୍ତା ଅବସ୍ଥା ଦୟନୀୟ ହୋଇପଡ଼ିଛି। ଜିଲ୍ଲା ପ୍ରଶାସନ ବିହିତ ପଦକ୍ଷେପ ନେବାକୁ ଦାବି ହେଉଛି।

# କେହି ପ୍ରତିବାଦ କରୁନାହାନ୍ତି







**ବୌଦ୍ଧ, ୧୪।୧୧(ସମିସ)** ଊନବିଂଶ ଶତାବ୍ଦୀ ମଧ୍ୟ ଭାଗରେ ଓଡ଼ିଆ ଭାଷା ବିଲୋପ କରିବା ପାଇଁ ଏକ ସୁଚିନ୍ତିତ ଷଡ଼ଯନ୍ତ୍ର ଆରମ୍ଭ ହୋଇଥିଲା। ବଙ୍ଗାଳୀ ଭାଷାକୁ ସରକାରୀ ଭାଷା ମାନ୍ୟତା ଦିଆଯିବା ସହ ଓଡ଼ିଶାର ସ୍କୁଲଗୁଡ଼ିକରେ ବଙ୍ଗଳା ଭାଷାରେ ପାଠ ପଢ଼ାହେବାର ବ୍ୟବସ୍ଥା କରାଯାଇଥିଲା। ଏହି କୁଟିଳ ଚକ୍ରାନ୍ତ ପଛରେ କିଛି ବଙ୍ଗାଳୀ ଓ ଇଂରେଜ ଅଧିକାରୀଙ୍କ ପ୍ରଚ୍ଛନ୍ନ ହାତ ରହିଥିବା କୁହାଯାଏ। ଫକିର ମୋହନ ସେନାପତିଙ୍କ ଭଳି କେତେଜଣ ଓଡ଼ିଆ ଭାଷାପ୍ରେମୀଙ୍କ ନିରବିଚ୍ଛିନ୍ନ ପ୍ରଚେଷ୍ଟା ଯୋଗୁଁ ଓଡ଼ିଆ ଭାଷା ନିଜ ଅସ୍ତିତ୍ୱ ବଞ୍ଚାଇ ରଖିବାରେ ସକ୍ଷମ ହୋଇପାରିଥିଲା। ଅନ୍ୟଥା ପ୍ରାଚୀନ ସାହିତ୍ୟ ସମୃଦ୍ଧ ଓଡ଼ିଆ ଭାଷା ଆଜି କିଛି ସୀମିତ ଭୂଖଣ୍ଡର କଥିତ ଭାଷାରୂପେ ପରିଗଣିତ ହୋଇଥାନ୍ତା। ବର୍ତ୍ତମାନ ଭିନ୍ନ ଏକ ଢଙ୍ଗରେ ଚାଲିଛି ଓଡ଼ିଆ ଭାଷା ଉପରେ ଅତ୍ୟାଚାର। ସେତେବେଳେ ଥିଲେ ଇଂରେଜ ଏବଂ ବଙ୍ଗାଳୀ ଅଧିକାରୀ। ବର୍ତ୍ତମାନ ଅଛନ୍ତି ପ୍ରଶାସକ, ଅଧିକାରୀ ଏବଂ ବ୍ୟବସାୟୀ। ଏହି ଗୋଷ୍ଠୀ ଦ୍ୱାରା ଓଡ଼ିଆ ଭାଷାକୁ କଦର୍ଯ୍ୟ କରାଯାଉଛି। ଏହି କ୍ରମରେ ବୌଦ୍ଧ ଜିଲ୍ଲା କଥା ବିଚାରକୁ ନିଆଯାଇପାରେ। ଖୋର୍ଦ୍ଧା ବଲାଙ୍ଗୀର ୫୭ ନଂ ଜାତୀୟ ରାଜପଥର ବଦଲାଠାରୁ ମନମୁଣ୍ଡା ପର୍ଯ୍ୟନ୍ତ ୧୧୦ କିଲୋମିଟର ରାସ୍ତା ବୌଦ୍ଧ ଜିଲ୍ଲାରେ ଅତିକ୍ରମ କରିଛି। ଜାତୀୟ ରାଜପଥ କଡରେ ଥିବା ପ୍ରତ୍ୟେକ ଗାଁରେ ସେହି ଗାଁଗୁଡ଼ିକର ନାମ ଫଳକ ଜାତୀୟ ରାଜପଥ ବିଭାଗ ତରଫରୁ ଲଗାଯାଇଛି। ଉଭୟ ଇଂରାଜୀ ଏବଂ ଓଡ଼ିଆ ଭାଷାରେ ନାମ ଫଳକ ଲେଖାଯାଇଛି। ତେବେ ଅନେକ ସ୍ଥାନରେ ଓଡ଼ିଆରେ ଲେଖାଯାଇଥିବା ଗାଁର ନାମ ନିହାତି ତ୍ରୁଟିପୂର୍ଣ୍ଣ ଭାବେ ଲେଖା ଯାଇଛି। ଯେପରିକି ଆଡ଼େଣିଗଡ଼ ବଦଳରେ ଆଡେଶିଗଡ଼, ରାଣୀଗଞ୍ଜ ବଦଳରେ ରାଶିଗଞ୍ଜ, ରାମ୍ଭିକଟା ବଦଳରେ ରାମଭିକଟା, ଠିଡ଼ିକାଯୋର ବଦଳରେ ଚିଡ଼ିକାଯୋର, ପଲସପାଟ ବଦଳରେ ପଳାସପଟ, ସମ୍ପୋଚ ବଦଳରେ ସାମ୍ପେଜ ଏବଂ ଆହୁରି ଅନେକ। ଏଭଳି ତ୍ରୁଟିପୂର୍ଣ୍ଣ ଲେଖା ଆଗନ୍ତୁକଙ୍କ ପାଇଁ ବିଭ୍ରାନ୍ତିକର ହୋଇଥିବା ବେଳେ ସ୍ଥାନୀୟ ଲୋକଙ୍କ ମନରେ ବିରକ୍ତି ଭାବ ସୃଷ୍ଟି କରୁଛି। ଓଡ଼ିଆ ଭାଷାର ପ୍ରଚାର ପ୍ରସାର ଏବଂ ସୁରକ୍ଷା ପାଇଁ ଜିଲ୍ଲାରେ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ରହିଛି। ଏହି ରାସ୍ତାରେ ନିୟମିତ ଭାବେ ସ୍ଥାନୀୟ ନେତା, ବିଧାୟକ, ସାଂସଦ, ମନ୍ତ୍ରୀ, ଅଧିକାରୀ, ପ୍ରଶାସକଙ୍କ ଯାତାୟାତ ଜାରି ରହିଥିବା ବେଳେ ଏହି ତ୍ରୁଟି କିଭଳି କାହା ନଜରରେ ପଡୁନି ତାହା ଆଶ୍ଚର୍ଯ୍ୟ କରୁଛି। ତେବେ ଏ ନେଇ ଜାତୀୟ ରାଜପଥ ବିଭାଗ ଅଧିକାରୀଙ୍କ କହିବା ପ୍ରକାରେ ରାସ୍ତା ନିର୍ମାଣ କରିଥିବା ଠିକା କମ୍ପାନୀ ଏଆରଏସଏସ ଏସବୁ ଫଳକ ଲଗେଇଛି। ୨୦୨୬ ପର୍ଯ୍ୟନ୍ତ ରାସ୍ତାର ସମସ୍ତ ରକ୍ଷଣାବେକ୍ଷଣା କାର୍ଯ୍ୟ ଠିକା କମ୍ପାନୀର ହୋଇଥିବା ବେଳେ ୨୦୨୬ ପରେ ରକ୍ଷଣାବେକ୍ଷଣା ଦାୟିତ୍ୱ ରାଜପଥ ବିଭାଗକୁ ହସ୍ତାନ୍ତର ହେବା ପରେ ଯାଇ ଯାହା କିଛି ପରିବର୍ତ୍ତନ କରାଯାଇ ପାରିବ। ଅର୍ଥାତ ୨୦୨୬ ପର୍ଯ୍ୟନ୍ତ ଏଭଳି ତ୍ରୁଟିପୂର୍ଣ୍ଣଫଳକ ଲାଗି ରହିବ। ଓଡ଼ିଆ ଭାଷାର ଏଭଳି କଦର୍ଯ୍ୟକରଣକୁ ନେଇ ସଚେତନ ମହଲରେ ଉଦ୍‌ବେଗ ପ୍ରକାଶ ପ୍ରକାଶ ପାଇଛି। ତେବେ ଓଡ଼ିଆ ଅସ୍ମିତାର ଡିଣ୍ଡିମ ପିଟୁଥିବା ରାଜ୍ୟ ସରକାର ସଂଶ୍ଳିଷ୍ଟ ବ୍ୟକ୍ତି ବା ସଂସ୍ଥା ଉପରେ କେବେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ତାହା ଦେଖିବାକୁ ବାକି ରହିଲା।

# ପଞ୍ଚାୟତସ୍ତରୀୟ ସଂଘର ସ୍ୱନକ୍ଷତ୍ର ଦିବସ

**ବିରମହାରାଜପୁର, ୧୪।୧୧(ସମିସ)** :ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ସୁବଳୟା ଠାରେ ସୁବଳୟା ପଞ୍ଚାୟତସ୍ତରୀୟ ସଂଘର ସପ୍ତମ ସ୍ୱନକ୍ଷତ୍ର ଦିବସ ପାଳନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଓଡ଼ିଶା ଜୀବିକା ମିଶନର ବିଏଲ୍‌ସି ରମାକାନ୍ତ ହରିପାଲଙ୍କ ସହ ସଂଘର ସଭାନେତ୍ରୀ ମୀରା ବାରିକ, ସମ୍ପାଦିକା ମାଧୁରୀ ମେହେର ଏବଂ ସମସ୍ତ ଇସି ସଭ୍ୟା ଓ ସଂଘର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ। ସଂଘର ନଥିପତ୍ର ପରିଚାଳିକା ବବିତା ରାଣୀ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିବା ସହ ଦୀର୍ଘ ସାତ ବର୍ଷର ସମସ୍ତ ଆର୍ଥିକ ବିବରଣୀ ଉପସ୍ଥାପନା କରିଥିଲେ। ବ୍ୟାଙ୍କ୍ ମିତ୍ର ଇନ୍ଦୁମତି ତାଣ୍ଡିଆ ବ୍ୟାଙ୍କ୍ ସମ୍ବନ୍ଧୀୟ କାର୍ଯ୍ୟ ବିବରଣୀକୁ ପ୍ରକାଶ କରିଥିଲେ। ଶେଷରେ ସଭାନେତ୍ରୀ ମୀରା ବାରିକ ଧନ୍ୟବାଦ୍ ଅର୍ପଣ କରିଥିଲେ। ସମସ୍ତ ସିଆର୍‌ପିଙ୍କ ସହଯୋଗରେ କାର୍ଯ୍ୟକ୍ରମ ସୁଚାରୁଭାବେ ପରିଚାଳିତ ହୋଇଥିଲା।



## ମୁଖ୍ୟମନ୍ତ୍ରୀ ବସ୍ ସେବାରୁ ବଞ୍ଚିତ କେନଝିରିଆପାଲି ପଞ୍ଚାୟତବାସୀ

**ସୁବଳୟା, ୧୪।୧୧(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ କେନଝିରିଆପାଲି ପଞ୍ଚାୟତବାସୀ ମୁଖ୍ୟମନ୍ତ୍ରୀ ବସ୍ ସେବା ପାଇବାରୁ ବଞ୍ଚିତ ହେଉଥିବା ଅଭିଯୋଗ ହେଉଛି। ତୁରନ୍ତ ସରକାରୀ ବସ୍ ଚଳାଚଳ କରିବାକୁ ପଞ୍ଚାୟତବାସୀ ଦାବି କରିଛନ୍ତି। ଆଜକୁ ପ୍ରାୟ ୯ମାସ ପୂର୍ବେ ଜିଲ୍ଲାର ବିଭିନ୍ନ ପଞ୍ଚାୟତକୁ ତତ୍କାଳୀନ ସରକାର ଲକ୍ଷ୍ମୀ ବସ୍ ସେବା ଶୁଭାରମ୍ଭ କରିଥିଲେ। ଏହି କ୍ରମରେ ସେହି ଦିନଠାରୁ ବୀରମହାରାଜପୁର ବ୍ଲକରେ ତିନୋଟି ବସ୍ ବିଭିନ୍ନ ରୁଟ୍‌ରେ ପ୍ରତ୍ୟହ ଚାରି ଥର ବିଭିନ୍ନ ପଞ୍ଚାୟତକୁ ଯାତାୟତ କରୁଛି। ବୀରମହାରାଜପୁରରୁ ବାଗବର-ଜଟେସିଂହା-ସୁବଳୟା-କମିରା ଦେଇ ପିତାମହୁଲ ଓ ସଂଗ୍ରାମପୁରକୁ ଯାତାୟାତ କରୁଛି। ଅନ୍ୟ ଏକ ବସ୍ ବୀରମହାରାଜପୁରରୁ ବାହାରି ହିଲୁଙ୍ଗ-ମୁର୍ଷୁଣ୍ଡୀ-ଲୁଡୁରପଙ୍କ-ବହଲପଦର ପଞ୍ଚାୟତକୁ ଯାତାୟତ କରୁଛି। ଅନ୍ୟଏକ ବସ୍ ବୀରମହାରାଜପୁରରୁ ମୂର୍ଷୁଣ୍ଡୀ ପଞ୍ଚାୟତ-ସୁବଳୟା ଦେଇ ଖଣ୍ଡହତା ପଞ୍ଚାୟତକୁ ଯାତାୟତ କରୁଛି। ବ୍ଲକରେ କେବଳ କେନଝିରିଆପାଲି ପଞ୍ଚାୟତକୁ ବସ୍ ଯାତାୟାତ କରୁ ନଥିବା ପଞ୍ଚାୟତବାସୀ ଅଭିଯୋଗ କରୁଛନ୍ତି। କେନଝିରିଆପାଲି ପଞ୍ଚାୟତକୁ ପ୍ରତିଦିନ ଚାରିଥର ବସ୍ ଚଳାଚଳ କରିବା ପାଇଁ ରୁଟ ଚାର୍ଟରେ ଉଲ୍ଲେଖ ରହିଛି। ମାତ୍ର ଉକ୍ତ ସରକାରୀ ବସ୍ ଯାତାୟାତ କରୁନାହିଁ। ଦୁର୍ଜନତୈଲା ପଞ୍ଚାୟତରୁ ଦାଦରପାଲି-ମାଳିଦାଦର ମକ୍ଷହାରସାହି-ବଡ଼ମାଳ-କେଶଲଗା ଦେଇ କେନଝିରିଆପାଲି ପଞ୍ଚାୟତକୁ ଯାଇ ସେଠାରୁ କଦଳୀପାଲି ଛକ-ବାରଝୁଲା-ମେଣ୍ଡାମାଳ-ଅମୂଲ୍ୟମଣୀ ରାଣୀପୁର ଦେଇ ବୀରମହାରାଜପୁରକୁ ଏକ ନୂତନ ସରକାରୀ ବସ୍ ଚଳାଚଳ କରିବାକୁ ଦାବି ହେଉଛି। ଏହି ରୁଟ୍ ଦେଇ ବସ୍ ଚଳାଚଳ କଲେ ଦୁର୍ଜନତୈଲା ପଞ୍ଚାୟତ, ବହଲପଦର, କେନଝିରିଆପାଲି-ହିଲୁଙ୍ଗ ପଞ୍ଚାୟତର ପ୍ରାୟ ୫୦ରୁ ଅଧିକ ଗ୍ରାମବାସୀ ଉପକୃତ ହୋଇ ପାରିବେ। ଏବେ ବସ୍ ଏହି ରୁଟ୍ ଦେଇ ଯାଉ ନ ଥିବାରୁ ଉକ୍ତ ଅଞ୍ଚଳର ମହିଳା, ସ୍କୁଲ କଲେଜ ଛାତ୍ରୀଛାତ୍ର, ବ୍ୟବସାୟୀ ଓ ବୀରମହାରାଜପୁରରେ ଥିବା ବ୍ଲକ କାର୍ଯ୍ୟାଳୟ, ତହସିଲ କାର୍ଯ୍ୟାଳୟ, ବ୍ୟାଙ୍କ, ଥାନା ଆଦି କାର୍ଯ୍ୟାଳୟ ଓ ବଜାର ଉପରେ ନିର୍ଭର କରୁଥିବା ଲୋକେ ଯାତାୟାତରେ ନାହିଁ ନ ଥିବା ହଇରାଣ ହେଉଥିବା ଦେଖିବାକୁ ମିଳୁଛି। ତେଣୁ ଦୁର୍ଜନତୈଲା ପଞ୍ଚାୟତରୁ କେନଝିରିଆପାଲି-ମେଣ୍ଡାମାଳ ଦେଇ ଦେଇ ବୀରମହାରାଜପୁରକୁ ମୁଖ୍ୟମନ୍ତ୍ରୀ ବସ୍ ଚଳାଚଳ କରିବାକୁ ସାଧାରଣରେ ଦାବି ହେଉଛି। ଏନେଇ ବିରମହାରାଜପୁର ଓଏସଆରଟିସି ବ୍ଲକ ସୁପରଭାଇଜର ଲିଳି ମହାନନ୍ଦଙ୍କୁ ପଚାରିବାରୁ ଏବେ ଗାଡି ନାହିଁ ଚଳିତ ମାସ ନୂତନ ଗାଡି ଆସିବାର ଅଛି ଗାଡି ଆସିଲେ ଚାଲିବ କହିଛନ୍ତି। ତେବେ ଉକ୍ତ ଅଞ୍ଚଳର ଏହି ସମସ୍ୟାକୁ ଦେଖି ତୁରନ୍ତ ମୁଖ୍ୟମନ୍ତ୍ରୀ ବସ୍ ଚଳାଚଳ କରିବାକୁ ସାଧାରଣରେ ଦାବି ହେଉଛି।

# ଜରାଜୀର୍ଣ୍ଣ ଅବସ୍ଥାରେ ଭୂତିଆପାଲି ଯାତ୍ରୀ ବିଶ୍ରାମାଗାର



● ଉପକୃତ ହୋଇପାରୁନାହାନ୍ତି ଯାତ୍ରୀ

**ସୁବଳୟା, ୧୪।୧୧(ସମିସ):**

ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ମୁର୍ଷୁଣ୍ଡୀ ପଞ୍ଚାୟତ ଅଧୀନ ଭୁତିଆପାଲି ଛକ ନିକଟରେ ଥିବା ଯାତ୍ରୀ ବିଶ୍ରାମଗାର ଏବେ ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ିରହିଛି। ଯାତ୍ରୀମାନଙ୍କ ସୁବିଧା ପାଇଁ ବହୁ ବର୍ଷ ତଳେ ଉକ୍ତ ଯାତ୍ରୀ ବିଶ୍ରାମାଗାର ନିର୍ମାଣ ହୋଇଥିଲା। ଏଠାରେ ଯାତ୍ରୀମାନେ ବିଭିନ୍ନ ସ୍ଥାନକୁ ଯିବା ପାଇଁ ବସ୍‌କୁ ଅପେକ୍ଷା କରୁଥିଲେ କିନ୍ତୁ, ପାଖଦେଇ ଯାଇଥିବା ରାସ୍ତା ନିର୍ମାଣ ଯୋଗୁଁ ଉଚ୍ଚ ହେଲା। ଏହା ଫଳରେ ଯାତ୍ରୀ ବିଶ୍ରାମାଗାର ତଳୁଆ ରହିବା ଯୋଗୁଁ ସାମାନ୍ୟ ବର୍ଷା ହେଲେ ଏହା ଭିତରେ ପାଣି ଜମି ରହିବାରୁ ଏହାର ବ୍ୟବହାର ଅନୁପଯୋଗୀ ହୋଇପଡ଼ିଛି। ଅନ୍ୟ ସମୟରେ ନିଶାସକ୍ତଙ୍କ ଆଡ଼ାସ୍ଥଳୀ ପାଲଟିଛି। ଲୋକେ ବିଭିନ୍ନ ସ୍ଥାନକୁ ବସ୍‌ରେ ଯିବା ପାଇଁ ଖରା, ବର୍ଷା ଓ ଶୀତ କାକରରେ ବାହାରେ ଛିଡ଼ାହୋଇ ଅପେକ୍ଷା କରୁଛନ୍ତି। ବ୍ଲକରେ ଲକ୍ଷ୍ମୀ ବସ ଚାଲିବା ପୂର୍ବରୁ ବିଭିନ୍ନ ଛକରେ ଥିବା ଯାତ୍ରୀ ବିଶ୍ରାମଗାର ଉନ୍ନତିକରଣ ହୋଇଥିବା ବେଳେ ନୂତନ ଯାତ୍ରୀ ବିଶ୍ରାମାଗାର ନିର୍ମାଣ ହୋଇଛି। ପ୍ରଶାସନର ଇଚ୍ଛାଶକ୍ତିର ଅଭାବ ଯୋଗୁଁ ଏଠାରେ ଯାତ୍ରୀ ବିଶ୍ରାମାଗାରଟିର ନିର୍ମାଣ ତଥା ମରାମତି ହୋଇପାରିନାହିଁ। ଫଳରେ ସ୍ଥାନୀୟ ଜନସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

**ସେମାନେ ଯାହା କୁହନ୍ତି....**

ଆମେ ପ୍ରତିଦିନ ଖରାବର୍ଷାରେ ଏହି ଛକ ଉପରେ ବସ୍‌କୁ ଅପେକ୍ଷା କରିଥାଉ। ଉକ୍ତ ଯାତ୍ରୀ ବିଶ୍ରାମଗାର ଥିଲେ ମଧ୍ୟ ଆମ ସେବାରେ ଲାଗିପାରୁ ନାହିଁ।

**ସସ୍ମିତା ସାମାଲ, ଛାତ୍ରୀ**

ଅନେକ ସମୟରେ ବିଭିନ୍ନ ଅଧିକାରୀଙ୍କୁ ନୂତନ ଯାତ୍ରୀ ବିଶ୍ରାମଗାର ନିର୍ମାଣ ପାଇଁ କହିଥିଲୁ। ହେଲେ ଆଜି ପର୍ଯ୍ୟନ୍ତ କୌଣସି ଅଧିକାରୀ ଏଥିପ୍ରତି ଧ୍ୟାନ ଦେଉନାହାଁନ୍ତି। ତେଣୁ ଅସନ୍ତୋଷ ପ୍ରକାଶ ପାଇଛି। ଜିଲ୍ଲାପାଳ ଏଥିପ୍ରତି ଦୃଷ୍ଟି ଦେଲେ ବହୁ ଯାତ୍ରୀ ଉପକୃତ ହେବେ।

**ବଳରାମ ସେଠୀ, ସ୍ଥାନୀୟ ବାସିନ୍ଦା**

ଯାତ୍ରୀ ବିଶ୍ରାମଗାର ଦୀର୍ଘ ବର୍ଷରୁ ନିର୍ମିତ ହୋଇଛି। ହେଲେ ରାସ୍ତା ଚଉଡ଼ା ହେବାରୁ ଏହା ତଳୁଆ ଏବଂ ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି। ଯେ କୌଣସି ସମୟରେ ଭାଙ୍ଗିଯିବାର ଆଶଙ୍କା ରହିଛି। ତେଣୁ ସ୍ଥାନୀୟ ପ୍ରଶାସନ ଓ ବିଭାଗ ଏଥିପ୍ରତି ବିହିତ ପଦକ୍ଷେପ ନେବାକୁ ଅନୁରୋଧ କରିଛନ୍ତି।

## କେଗାଁ କେନ୍ଦୁପତ୍ର ରେଞ୍ଜ
## ୧୫ ଜଣଙ୍କୁ ମିଳିଲା ମୃତ୍ୟୁକାଳୀନ ସହାୟତା

**ଧର୍ମଗଡ଼, ୧୪ ।୧୧(ସମିସ):** କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ କେଗାଁ କେନ୍ଦୁପତ୍ର ରେଞ୍ଜରେ ୧୫ ଜଣ କେନ୍ଦୁପତ୍ର ତୋଳାଳିଙ୍କ ପରିବାରକୁ ମୃତ୍ୟୁକାଳୀନ ସହାୟତା ରାଶି ମିଳିଛି । ରମେଶ ଧାରୁଆ, ବିବେକାନନ୍ଦ ଜଗତ, ନିତ୍ୟାନନ୍ଦ ମାଝୀ, ଉମାକାନ୍ତ ହଂସ (ବଡ଼ଜୋର), ପୂର୍ଣ୍ଣ ବଗର୍ତ୍ତୀ (ବନ୍ଧାଗାଁ), ଦୁର୍ଯ୍ୟୋଧନ ମାଝୀ (କଣ୍ଟାମାଳ), ରାଜ ଚଳାନ (ଖଲିଆପାଲି), ଶିବା ତାଣ୍ଡି (କନକପୁର), ରାଜକୁମାର ଭୋଇ (କନକପୁର), ଗଣେଶ ବାଗ (ନୂଆଗାଁ), ଘନଶ୍ୟାମ ପୁଟେଲ (କେଗାଁ), ଜିତୁ ମାଝୀ (ବେଲପଡ଼ା), କାର୍ତ୍ତିକ ମାଝୀ (ପଦ୍ମପୁର), ପଦ୍ମା ଭୋଇ (ବଡ଼ଜୋର), ସସ୍ମିତା ନାଗ (ମାନଝରୀ)ଙ୍କ ପରିବାରକୁ ଏହି ସହାୟତା ମିଳିଛି ।

## ଗୋକୁଳାଷ୍ଟମୀ ଯାତ୍ରା ପାଇଁ ଶୁଭସ୍ତମ୍ଭ ସ୍ଥାପନ

**ବିନିକା, ୧୪ ।୧୧(ସମିସ):** ବିନିକା ବ୍ରଜ ବିହାରୀ ନୃତ୍ୟ କଳା ପରିଷଦ ତରଫରୁ ଚଳିତ ମାସ ୨୦ତାରିଖରୁ ୨୮ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଗୋକୁଳାଷ୍ଟମି ଯାତ୍ରା ପାଇଁ କଂସାରିପଡ଼ା ସ୍ଥିତ ଦଧିବାମନ ମନ୍ଦିର ସମ୍ମୁଖରେ ଯାତ୍ରା କମିଟି ପକ୍ଷରୁ ଶୁଭସ୍ତମ୍ଭ ସ୍ଥାପନ କରାଯାଇଛି । ପୂଜକ ଭାବେ ମାନଭଞ୍ଜନ ପୁଝାରୀ, କର୍ତ୍ତା ଓ ଯାତ୍ରା କମିଟି ସଭାପତି ସୀତାରାମ ଦାସ ଦାୟିତ୍ୱ ତୁଲାଇଥିବା ବେଳେ ଯାତ୍ରା କମିଟି ଉପସଭାପତି ଈଶ୍ୱର ମାହାନା, ସମ୍ପାଦକ ସଞ୍ଜୟ ଦାସ, ଗୁରୁ ମନୋଜ ଦାସ, ରଘୁନାଥ ମାହାଣା, କଳାକାର ରାମଚନ୍ଦ୍ର ଦାସ, ସବ୍ୟସାଚୀ ମାହାନା, ଜୟନାରାୟଣ ସାହୁ, ନରେନ୍ଦ୍ର ଦାସ, ସୂର୍ଯ୍ୟ ନାରାୟଣ ଦାସ, ସଂଞ୍ଜୟ ସାହୁ, ରମାକାନ୍ତ ଦାସ, ସତ୍ୟମ ଦାସ, ଘଡିଗୋପାଳ ଦାସ, ବବୁଲୁ ସାହୁ, ବିବେକ ସାହୁ, ବିଶ୍ୱଜିତ ମାହାଣା, ବିଶ୍ୱନାଥ ମାହାଣା, ଦୀପାନ୍ବିକା ମାହାଣା, ପୁଷ୍ପାଞ୍ଜଳୀ ସାହୁ ପ୍ରମୁଖଙ୍କ ସମେତ ପଡ଼ାବାସି ଉପସ୍ଥିତ ଥିଲେ ।

## ଫୁଲମୁଠିରେ କାର୍ତ୍ତିକ ବ୍ରତ ଉଦ୍‌ଯାପିତ

**ବିନିକା, ୧୪ ।୧୧(ସମିସ):** ବିନିକା ବ୍ଲକ ଅନ୍ତର୍ଗତ ଫୁଲମୁଠି ଉପରପଡ଼ା ମଣ୍ଡପରେ ଦୀର୍ଘ ଏକ ମାସ ଧରି ଚାଲିଥିବା କାର୍ତ୍ତିକ ବ୍ରତ ଗୁରୁବାର ଉଦ୍‌ଯାପିତ ହୋଇଛି । ପ୍ରତିଦିନ ଭୋରୁ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ସହ ଶତାଧିକ ମହିଳା ଗ୍ରାମର ଇଷ୍ଟଦେବୀ ମା'ମାହେଶ୍ୱରୀଙ୍କ ଦର୍ଶନ କରି ନଗର କିର୍ତ୍ତନ କରିଥିଲେ । ଏହି ଅବସରରେ ତୁଳସୀ ପୂଜନ ସହ ମଣ୍ଡପରେ ରାଇଦାମୋଦରଙ୍କ ପୂଜାର୍ଚ୍ଚନା ରୀତିନୀତି ଅନୁଯାୟୀ କରାଯାଇଥିଲା । ପୂଜକ ଭାବେ ଯୁଧିଷ୍ଠିର ଦାଶ, ଗାୟକରେ ଆରତୀ ସାହୁ ଦାୟିତ୍ୱ ତୁଲାଇ ଥିବା ବେଳେ ପଡ଼ାବାସୀ ସହଯୋଗ କରିଥିଲେ ।

## ବାଉଁଶୁନିରେ ରକ୍ତଦାନ ଶିବିର

**ବିନିକା, ୧୪ ।୧୧(ସମିସ):** ବିନିକା ବ୍ଲକ ଅନ୍ତର୍ଗତ ବାଉଁଶୁନି ଯୁବକ ମହାସଂଘ ତରଫରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା । ଶିବିରରେ ୨୨ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିବା ବେଳେ ୩୯ ଜଣଙ୍କର ଆଖି ପରୀକ୍ଷା କରାଯାଇଥିଲା ଶିବିରକୁ ଚାଷୀନେତ୍ରୀ ସୋନାଲି ବିଶି ଉଦ୍‌ଘାଟନ କରିଥିବା ବେଳେ କ୍ରୀଡାବିତ୍ ବିଜୟ ମହାକୁର ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ ।ସୋନପୁର ବ୍ଲଡ୍ ବ୍ୟାଙ୍କ ଡାକ୍ତର ମନୋଜ ପ୍ରଧାନଙ୍କ ନେତୃତ୍ୱରେ ଟିମ୍ କର୍ମକର୍ତ୍ତା ରକ୍ତ ସଂଗ୍ରହ କରିଥିଲେ । ସେହିପରି ଆଖି ଡାକ୍ତର ଦିବ୍ୟଜ୍ୟୋତି ମେହେରଙ୍କ ନେତୃତ୍ୱରେ ତାଙ୍କ ଟିମ୍ ଆଖି ପରୀକ୍ଷା କରିଥିଲେ । ଶିବିର ପରିଚାଳନାରେ ମହାସଂଘର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ ।

## ଅଷ୍ଟପ୍ରହର ନାମଯଜ୍ଞ ସହ ଆରମ୍ଭ ହେଲା ଛାଡ଼ଖାଇ ଯାତ୍ରା

**ଶଗଡ଼ା, ୧୪ ।୧୧(ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଶିମିଳୀପଦର ପଞ୍ଚାୟତ ଗବଯୋରରେ ପବିତ୍ର କାର୍ତ୍ତିକ ଚତୁର୍ଦ୍ଦଶୀ ଓ ପୂର୍ଣ୍ଣିମା ଦୁଇଦିନ ଧରି ହେବାକୁ ଥିବା ଅଷ୍ଟପ୍ରହର ନାମ ଯଜ୍ଞ ସହ ଛାଡ଼ଖାଇ ଯାତ୍ରା ଆରମ୍ଭ ହୋଇଛି । ନନ୍ଦ ମହାଲିକ ଓ ତାଙ୍କ ପତ୍ନୀ ମାଧୁରୀ ମହାଲିକ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ । ଚିତ୍ତରଞ୍ଜନ ମହାପାତ୍ର ପୁରୋହିତ ଦାୟିତ୍ୱ ତୁଲାଇଥିଲେ । ତେବେ ପ୍ରତିବର୍ଷ ଭଳି ଏବର୍ଷ ଛାଡ଼ଖାଇ ଯାତ୍ରା ଉପଲକ୍ଷେ ଜଳନ୍ଧର ଦରବାର ଅନୁଷ୍ଠିତ ହୋଇ ଯାଇଛି । ପଶ୍ଚିମ ଓଡ଼ିଶାର ସୁନାମଧନ୍ୟ କଳାକାର ତଥା ଅବସରପ୍ରାପ୍ତ ସେନା ଅଧିକାରୀ ମନୋଜ ମହାନ୍ତି ଜଳନ୍ଧର ଭୂମିକାରେ ଅଭିନୟ କରି ଦର୍ଶକଙ୍କ ମନକୁ ଆକୃଷ୍ଟ କରିଥିଲେ । ଦୁର୍ଯ୍ୟୋଧନ ମେହେରଙ୍କ ତତ୍ତ୍ୱାବଧାନରେ ଚିତ୍ତ ରଞ୍ଜନ ସାହୁ, ଉପେନ୍ଦ୍ର ମେହେର, ମୁନୁ ମେହେର, ରଞ୍ଜନ ମେହେର, ଯୋଗେଶ୍ୱର ମେହେର, ନାରାୟଣ ମେହେର, ଘନଶ୍ୟାମ ମେହେର, ଛବି ମେହେର ପ୍ରମୁଖ ସହଯୋଗ କରିଥିଲେ ।

## ଆଜି ବିର୍ସା ମୁଣ୍ଡା ଜୟନ୍ତୀ

**ମନମୁଣ୍ଡା, ୧୪ ।୧୧(ସମିସ):** ଶୁକ୍ରବାର ବୀର ବିର୍ସା ମୁଣ୍ଡାଙ୍କ ଜୟନ୍ତୀ । ବୌଦ୍ଧ ଜିଲ୍ଲାରେ ବିର୍ସା ମୁଣ୍ଡା ଜୟନ୍ତୀ ତଥା ଆଦିବାସୀ ଜନଜାତି ଗୌରବ ଦିବସ ଧୁମଧାମରେ ପାଳନ କରାଯିବା ପାଇଁ ସମସ୍ତ ପ୍ରସ୍ତୁତି ସରିଛି । ବୌଦ୍ଧ ଜିଲ୍ଲା ବିଜେପି ଆଦିବାସୀ ନେତା ଡମ୍ବୁରୁଧର କହଁର ଗୁରୁବାର ସନ୍ଧ୍ୟାରେ ମନମୁଣ୍ଡା ଡାକ ବଙ୍ଗଳାରେ ଏକ ସାମ୍ବାଦିକ ସମ୍ମିଳନୀରେ ଏହା ପ୍ରକାଶ କରିଛନ୍ତି ।

## ରିଷିଡ଼ା ପାକ୍ସରେ ସମବାୟ ସପ୍ତାହ

**କର୍ଲାମୁଣ୍ଡା, ୧୪ ।୧୧ (ସମିସ):** କର୍ଲାମୁଣ୍ଡା ବ୍ଲକ ରିଷିଡାସ୍ଥିତ ପ୍ରାଥମିକ କୃଷି ସମବାୟ ସମିତି କାର୍ଯ୍ୟାଳୟରେ ସମବାୟ ସପ୍ତାହ ପାଳନ ଆରମ୍ଭ ହୋଇଛି । ଏହି ଅବସରରେ କର୍ଲାମୁଣ୍ଡା ପ୍ରେସ କ୍ଲବର ସଭାପତି ତଥା ଗ୍ରାମ ଉନ୍ନୟନ କମିଟି ସମ୍ପାଦକ ନରୋତ୍ତମ ସେଲମା ମୁଖ୍ୟଅତିଥି ରୂପେ ଯୋଗଦେଇ ପତାକା ଉତ୍ତୋଳନ କରିବା ସହ ସମବାୟ ସପ୍ତାହ ପାଳନର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ । ପେକ୍ସର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଗୋଲାପ ଚନ୍ଦ୍ର ରଣା କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ବରିଷ୍ଠ ସାମ୍ବାଦିକ କମ୍ପୁପାଣି ସାହୁ ସ୍ୱାଗତ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ପେକ୍ସ ସଭାପତି ପ୍ରଶାନ୍ତ ଜୈନ, ସାମ୍ବାଦିକ ଭଜଶ୍ୟାମ ସାହୁ, ପେକ୍ସ କର୍ମଚାରୀ ଶିଶୁପାଳ ରଣା, ସତ୍ୟବାନ ସୁନା, ବାସୁଦେବ ରଣା ଉପସ୍ଥିତ ଥିଲେ । ସେହିପରି କର୍ଲାମୁଣ୍ଡା ଓ ଯୋରାଡବରା ଠାରେ ମଧ୍ୟ ସମବାୟ ସପ୍ତାହ ପାଳନ ହୋଇଛି ।

**ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ**

# ଘୋର ଅବନତି ଆଡ଼କୁ ମୁହାଁଉଛି ଶିକ୍ଷା ବ୍ୟବସ୍ଥା

**ଭବାନୀପାଟଣା, ୧୪ ।୧୧(ସମିସ)**

ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ଯନ୍ତ୍ରଣାଦାୟକ ଶିକ୍ଷା ବ୍ୟବସ୍ଥା ସାଧାରଣ ଲୋକ ତଥା କଳାହାଣ୍ଡିବାସୀଙ୍କୁ ବ୍ୟଥିତ କରିଛି । ପଛୁଆ ଜିଲ୍ଲା କଳାହାଣ୍ଡିର ସ୍ୱୟଂଶାସିତ ମହାବିଦ୍ୟାଳୟକୁ ବିଶ୍ୱ ବିଦ୍ୟାଳୟକୁ ଉନ୍ନୀତ କରାଗଲା । କଳାହାଣ୍ଡି ବିଶ୍ୱବିଦ୍ୟାଳୟରୁ ମାଁ ମାଣିକେଶ୍ୱରୀ ବିଶ୍ୱ ବିଦ୍ୟାଳୟ ଭାବେ ନାମିତ କରାଗଲା । ନାଁ ସିନା ବଦଳିଲା; ହେଲେ ବ୍ୟବସ୍ଥାରେ କିଛି ପରିବର୍ତ୍ତନ ହେଲା ନାହିଁ । ଜିଲ୍ଲାର ସର୍ବବୃହତ ଏହି ଶିକ୍ଷାନୁଷ୍ଠାନର ବିଭିନ୍ନ ସମସ୍ୟା ସଂକ୍ରାନ୍ତରେ ଗଣମାଧ୍ୟମର ଦୃଷ୍ଟି ଆକର୍ଷଣ ପାଇଁ ପୁରାତନ ଛାତ୍ର ସଂଘ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀରେ ଏହା କୁହାଯାଇଛି । ଏହି ସାମ୍ବାଦିକ ସମ୍ମିଳନୀରେ ପୁରାତନ ଛାତ୍ର ସଂଘର ଆବାହକ ଡ. ଅଜୟ ମିଶ୍ର, ସଂଘର ଉପଦେଷ୍ଟା ଜଗନ୍ନାଥ ମୁଣ୍ଡ, ଉପ ସଭାପତି ଭବେନ୍ଦ୍ର ପଣ୍ଡା, ସମ୍ପାଦକ ଅବିନାଶ ଠାକୁର, ଆଇନଜୀବୀ ନିମାଞ୍ଚଳ ନାଏକ, ପୂର୍ବତନ ନଗରପାଳ ଆଦିତ୍ୟ ନନ୍ଦ, ସୁମନ ରଥ, ହରଜିନ୍ଦର ସିଂ, ଯୁବନେତା ମଣ୍ଟୁ ନାଏକ, କିର୍ତ୍ତନ ନାଏକ, ତ୍ରିଲୋଚନ ପାଣିଗ୍ରାହୀ, ପୂର୍ବତନ ଛାତ୍ର ସଂସଦ ସଭାପତି ଅଜିତ ସାହୁ, ଆଦିବାସୀ ନେତା ପରମାନନ୍ଦ ମାଝୀଙ୍କ ସମେତ ବହୁ ପୁରାତନ ଅଧ୍ୟାପକ, ବୁଦ୍ଧିଜୀବୀ, ପୂର୍ବତନ ଛାତ୍ର ନେତା ଯୋଗ ଦେଇଥିଲେ । ମାଁ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ବିଭିନ୍ନ ସମସ୍ୟା, ଅନିୟମିତତା ଏବଂ ଛାତ୍ରଙ୍କ ପ୍ରତି ହେଉଥିବା ଅବହେଳା ସମ୍ପର୍କରେ ଅବଗତ କରି ଘୋର କ୍ଷୋଭ ପ୍ରକାଶ କରିଛନ୍ତି । ୧୯୬୦ରେ ଆରମ୍ଭ ହୋଇଥିବା କଳାହାଣ୍ଡି ବିଜ୍ଞାନ କଲେଜ ୨୦୧୯ରେ ବିଶ୍ୱ ବିଦ୍ୟାଳୟର ମାନ୍ୟତା ପାଇଥିଲା । କଳାହାଣ୍ଡି ଓ ନୂଆପଡ଼ା ଜିଲ୍ଲାର ୫୦ଟି କଲେଜ ଅନୁବନ୍ଧିତ ହେଇଥିବା ଏହି ବିଶ୍ୱବିଦ୍ୟାଳୟ ଏବେ ନାନା ସମସ୍ୟା ଦେଇ ଗତିକରୁଛି । ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ବେଖିଆଲି ମନୋଭାବ ଏବଂ ସଂକୀର୍ଣ୍ଣ ଚିନ୍ତାଧାରା ଏହାର ଅନ୍ତର୍ନିହିତ ମୂଲ୍ୟ ଏବଂ କୃତି ଓ କୃତିତ୍ୱକୁ ଧ୍ୱଂସ ଆଡକୁ ଠେଲି ଦେଇଛି । ଗୁରୁତର ବିଷୟ ଏହିକି ଯେ କିଛି ଏମିତି କାର୍ଯ୍ୟକଳାପ ଅନୁଷ୍ଠାନର ମର୍ଯ୍ୟଦା ହାନୀ କରୁଥିବା ପୁରାତନ ଛାତ୍ର ସମୁହ ଅଭିଯୋଗ କରିଛି । ବିଶ୍ୱବିଦ୍ୟାଳୟର ବିଭିନ୍ନ ପରୀକ୍ଷାରେ ପ୍ରଶ୍ନପତ୍ର ତ୍ରୁଟି ରହିବା, ୟୁଜିସି ନିୟମ ଅନୁସାରେ ଠିକ୍ ସମୟରେ ପରୀକ୍ଷା ନ ହେବା ଏବଂ ଫଳାଫଳ ପ୍ରକାଶରେ ବିଳମ୍ବ ଘଟିବା, ପରୀକ୍ଷା ନିୟନ୍ତ୍ରଣ ବିଭାଗର ବେପାରୁଆ ମନୋଭାବ ସହ ଛାତ୍ରଛାତ୍ରୀ ପ୍ରତି ରୁକ୍ଷ ବ୍ୟବହାର ଓ ବ୍ୟାକ୍ ପେପର ଲାଗି ଅତ୍ୟଧିକ ଟଙ୍କା ଭରୁଥିବା ଏକ ସମ୍ବେଦନଶୀଳ ବିଷୟ ବୋଲି ପୁରାତନ ଛାତ୍ର ସଂଘ ତରଫରୁ କୁହାଯାଇଛି । ସେହିଭଳି, ଏକାଡେମୀକ କାଉନସିଲର ସ୍ଥାଣୁତା ଏବଂ ବୋର୍ଡ ଅଫ୍ ଷ୍ଟଡିଜ ନିୟମ ଅନୁଯାୟୀ ନ ବସିବା, ସିଣ୍ଡିକେଟର କ୍ଷମତାକୁ ଜାଣିଶୁଣି ସଙ୍କୁଚିତ କରାଯିବା, ପିଏଚଡ଼ି ନାମ ପଞ୍ଜିକୃତ ପାଇଁ କଳାହାଣ୍ଡି ଜିଲ୍ଲାର ଯୋଗ୍ୟ ପ୍ରାର୍ଥୀଙ୍କୁ ସୁଯୋଗ ନ ଦେବା, ବିଶ୍ୱବିଦ୍ୟାଳୟର ଓଡିଆ ବିଭାଗର ଟପ୍ପର ଛାତ୍ରଛାତ୍ରୀଙ୍କୁ ଓଡିଆ ସାହିତ୍ୟ ଏକାଡେମୀ ପୁରସ୍କାରରୁ ବଞ୍ଚିତ କରିବା, ଅତିଥି ଅଧ୍ୟାପକ ନିଯୁକ୍ତି ବିଳମ୍ବ ସାଙ୍ଗକୁ +୨ ଅତିଥି ଅଧ୍ୟାପକଙ୍କୁ ଗତ ଫେବୃଆରୀ ମାସ ଠାରୁ ଏଯାଏଁ ଦରମା ନ ଦେବା ଆଦି ଘଟଣାକୁ ଆବାହକ ଡଃ ଅଜୟ ମିଶ୍ର ଖୋଲା ଖୋଲି ସମାଲୋଚନା କରି ଉଦ୍‌ବେଗ ପ୍ରକାଶ କରିଥିଲେ । ଏପରିକି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଦିବସ ପାଳନ କାର୍ଯ୍ୟକ୍ରମରେ ଆଲୁମିନା ସଦସ୍ୟ ବା ପୁରାତନ ଛାତ୍ର ସଂଘ, ବୁଦ୍ଧିଜୀବୀ ଓ ଜିଲ୍ଲାର ପ୍ରତିଷ୍ଠିତ ବ୍ୟକ୍ତି ବିଶେଷଙ୍କୁ ସାମିଲ ନ କରିବା ଘଟଣାକୁ ଦୁର୍ଭାଗ୍ୟଜନକ କହି ସଂଘ ତୀବ୍ର ନିନ୍ଦା କରିଛି । ଏଭଳି କି ଛାତ୍ର ଅଭିଯୋଗ ସମାଧାନ କମିଟି ଗଠନକୁ ଖାଲି କାଗଜପତ୍ରରେ ସୀମିତ ରଖି ୱେବସାଇଟ୍‌ରେ ସାର୍ବଜନୀନ କରାଯାଇନାହିଁ । ୟୁଜିସି ନିୟମ ଅନୁଯାୟୀ ଅନେକ କମିଟି ଯଥା ଏକାଡେମୀ କାଉନସିଲ, ଆଇସିସି, ରିସର୍ଚ୍ଚ ଆଡଭାଇଜରୀ କମିଟି, ଆଇକ୍ୟୁଏସି କମିଟିର ଗଠନ ଠିକ ଭାବରେ ହୋଇ ପାରିନାହିଁ ବୋଲି ଅଭିଯୋଗ ଆସିଛି । ଏପରିକି ରାଗିଂ ରୋକିବା ପାଇଁ ବିଶ୍ୱବିଦ୍ୟାଳୟରେ ତରଫରୁ ଅଧିକାଂଶ ଅନୁବନ୍ଧିତ କଲେଜରେ ଆଣ୍ଟି ରାଗିଂ ସେଲ୍ ମଧ୍ୟ ଗଠନ କରାଯାଇନାହିଁ । ଅନ୍ୟପଟେ ହଷ୍ଟେଲ ମେସରେ ନ ଖାଇଲେ ମଧ୍ୟ ହଷ୍ଟେଲ ଛାତ୍ରଛାତ୍ରୀଙ୍କଠାରୁ ସମସ୍ତ ମେସ ଖର୍ଚ୍ଚ ବାଧ ବାଧକତାରେ ନିଆଯାଉଥିବା ଅଭିଯୋଗ ଆସିଛି । ଏହି ଘଟଣା ଓ ହଷ୍ଟେଲର ଅନ୍ୟାନ୍ୟ ସମସ୍ୟା ସମ୍ପର୍କରେ ମୁହଁ ଖୋଲିଲେ ପିଲାଙ୍କୁ ଧମକ ଚମକ ସହିତ ନାଲି ଆଖି ଦେଖାଉଥିବା ମଧ୍ୟ ଅଭିଯୋଗ ହେଉଛି । ସବୁଠାରୁ ଆଶ୍ଚର୍ଯ୍ୟର କଥା ଯେ ଗତ ବର୍ଷ ଉଦଘାଟିତ ମାଗଣା ୱାଇଫାଇ ସେବା ପାଇବା ଏବଂ ସ୍ମାର୍ଟ କକ୍ଷରେ ଡିଜିଟାଲ ପାଠ ପଢ଼ିବାରୁ ଛାତ୍ରଛାତ୍ରୀଙ୍କୁ ବଞ୍ଚିତ ରଖାଯାଇଛି । ଗତ ସରକାର ସମୟରେ ଯେତେସବୁ ଉନ୍ନତିମୂଳକ କାର୍ଯ୍ୟ କରାଯାଇଥିଲା ତାହାର ରକ୍ଷଣାବେକ୍ଷଣ ପାଇଁ କାହାର ଚିନ୍ତା ନାହିଁ ବୋଲି ଆଲୋଚନା ହୋଇଥିଲା । ଅନ୍ୟ ସମସାମୟିକ ବିଶ୍ୱବିଦ୍ୟାଳୟ ସଂଯୁକ୍ତ ଯୁକ୍ତ ଦୁଇ କଲେଜରେ ବରିଷ୍ଠତା ଭିତ୍ତିରେ ଅଧ୍ୟାପକଙ୍କୁ ଅଧ୍ୟକ୍ଷ ଦାୟିତ୍ୱ ଦିଆଯାଇଛି । କିନ୍ତୁ ଏଠି କୁଳପତି ସବୁକିଛି । ଅନ୍ୟ ସମସାମୟିକ ବିଶ୍ୱବିଦ୍ୟାଳୟରେ ପିଲାଙ୍କ ବ୍ୟାକ ପେପର ରିଚେକିଙ୍ଗ ଫି କମ୍ ନିଆଯାଏ । ଅଥଚ ଆର୍ଥିକ ଅନୁନ୍ନତ କଳାହାଣ୍ଡିରେ ମାଁ ମାଣିକେଶ୍?ରୀ ବିଶ୍? ବିଦ୍ୟାଳୟରେ ପିଲାଙ୍କ ଠାରୁ ବିଭିନ୍ନ ଆଳରେ ଅଧିକ ଫି ଆଦାୟ କରାଯାଉଛି । ବିଶ୍ୱବିଦ୍ୟାଳୟରେ କୂଳ ସଚିବ ଭାବେ ପିତାମ୍ବର ଭୋଇ (ଓଏଏସ)ଙ୍କୁ ସରକାର ନିଯୁକ୍ତି ଦେଇଛନ୍ତି । ଅଥଚ ସରକାରୀ ପ୍ରଶାସନିକ ଅଧିକାରୀ ଥାଇ ମଧ୍ୟ କୁଳପତି ସବୁ କ୍ଷମତା ନିଜେ ରଖି କୁଳସଚିବଙ୍କ କ୍ଷମତାକୁ ଗୌଣ କରିବାର ନଜିର ରହିଛି । ଏସବୁ ବ୍ୟତିକ୍ରମ ପାଇଁ କୁଳପତି ପ୍ରଫେସର ସଞ୍ଜୟ କୁମାର ଶତପଥୀଙ୍କୁ ପୁରାତନ ଛାତ୍ର ସମୁହ ସିଧାସଳଖ ଦାୟୀ କରିଛି । କୁଳପତି ଶ୍ରୀ ଶତପଥୀ କୌଣସି କାରଣରୁ ଗତ ପ୍ରାୟ ମାର୍ଚ୍ଚ ମାସରୁ ବିଶ୍ୱବିଦ୍ୟାଳୟରେ ଅନୁପସ୍ଥିତ ରହୁଛନ୍ତି । ସବୁ ଫାଇଲ ତାଙ୍କ ପାଖକୁ ଭୁବନେଶ୍ୱର ନିଆଯାଉଥିଲା । କିନ୍ତୁ ମଝିରେ ମଝିରେ ଦିନେ ଅଧେ ଆସି ସଭା ସମିତି କରି ବିଶ୍ୱବିଦ୍ୟାଳୟରୁ ସେ ନିୟମିତ ଦରମା ନେଇଥିବା ପୁରାତନ ଛାତ୍ରନେତା କହିଛନ୍ତି । ଏବେ କୌଣସି କାରଣରୁ ପିଜି କାଉନସିଲ ଅଧ୍ୟକ୍ଷ ଡ. ନିବେଦିତା ନାଥଙ୍କୁ ବର୍ତ୍ତମାନ ଭାରପ୍ରାପ୍ତ କୁଳପତି ଭାବେ ସରକାର ଦାୟିତ୍ୱ ଦେଇଛନ୍ତି । ଏଣୁ ନୂତନ ସ୍ଥାୟୀ କୁଳପତି ନିଯୁକ୍ତି ସହିତ ବିଶ୍ୱବିଦ୍ୟାଳୟର ବିଭିନ୍ନ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ତଥା ପରୀକ୍ଷା ନିୟନ୍ତ୍ରଣ ବିଭାଗକୁ ପୁନର୍ଗଠନ କରି ବିଶ୍ୱବିଦ୍ୟାଳୟରେ ଆମୂଳଚୂଳ ପରିବର୍ତ୍ତନ କରିବାକୁ ପୁରାତନ ଛାତ୍ର ସଂଘ ଦାବି କରିଛି । ଆବଶ୍ୟକ ସ୍ଥଳେ ବିଶ୍ୱବିଦ୍ୟାଳୟର ଅନିୟମିତତାର ତଦନ୍ତ ଦାବୀ ସହ ଅନୁଷ୍ଠାନର ମର୍ଯ୍ୟାଦା ରକ୍ଷା ପାଇଁ ପୁରାତନ ଛାତ୍ର ସଂଘ ବିଶ୍ୱବିଦ୍ୟାଳୟ ଆଗରେ ଅନିର୍ଦ୍ଦିଷ୍ଟ କାଳ ଯାଏଁ ଧାରଣାରେ ବସିବାକୁ ଚେତାବନୀ ଦିଆଯାଇଛି । ଏଥି ସହିତ ଖୁବ୍ ଶୀଘ୍ର ରାଜ୍ୟପାଳଙ୍କୁ ସାକ୍ଷାତ କରି ସମସ୍ତ ବିବରଣୀ ତାଙ୍କୁ ଅବଗତ କରି ଆମୂଳଚୁଳ ପରିବର୍ତ୍ତନ ପାଇଁ ସଂଘ ଦାବି କରିବ ବୋଲି ସଂଘର ସମ୍ପାଦକ ଅବିନାଶ ଠାକୁର ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ।




**ବୁଦ୍ଧିଜୀବୀ ଓ ପୁରାତନ ଛାତ୍ର ସଂଘର ଉଦ୍‌ବେଗ ପ୍ରକାଶ**




କେସିଙ୍ଗା ବିଦ୍ୟାପୀଠର ଦଶମ ଶ୍ରେଣୀ ଛାତ୍ର ଅବିନାଶ ମାଝୀଙ୍କୁ ରାଜ୍ୟସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସମ୍ବର୍ଦ୍ଧିତ କରୁଛନ୍ତି ।

## ନବବଧୂଙ୍କୁ ନିର୍ଯାତନା ଅଭିଯୋଗ

**ବୌଦ୍ଧ, ୧୪ ।୧୧(ସମିସ):** ବିବାହର ଏକ ମାସ ପରେ ନବ ବଧୂକୁ ସ୍ୱାମୀ ଓ ତାଙ୍କ ସମ୍ପର୍କୀୟ ମିଶି ଅକଥନୀୟ ନିର୍ଯାତନା ଦେଇଛନ୍ତି । ମାଡ ମାରି ଲହୁଲୁହାଣ କରିଛନ୍ତି । ଗର୍ଭ ମଧ୍ୟ ନଷ୍ଟ କରିଛନ୍ତି । ଗାନ୍ଧୀଗ୍ରାମ ଗ୍ରାମର ସତ୍ୟନାରାୟଣ ବେହେରାଙ୍କ ଝିଅ ସରିତା ବେହେରା ଏଭଳି ସଙ୍ଗୀନ ଅଭିଯୋଗ ନେଇ ସ୍ୱାମୀ ଏବଂ ତାଙ୍କ ସମ୍ପର୍କୀୟଙ୍କ ବିରୋଧରେ ବୌଦ୍ଧ ଆଦର୍ଶ ଥାନାର ଦ୍ୱାରସ୍ଥ ହୋଇଛନ୍ତି । ସରିତା ଗତ ଜୁଲାଇରେ ହରଭଙ୍ଗା ଗ୍ରାମର ହଟବର୍ ପ୍ରଧାନଙ୍କ ପୁଅ ଗୌରୀ ଶଙ୍କର ପ୍ରଧାନଙ୍କୁ ହିନ୍ଦୁ ରୀତିନୀତି ଅନୁଯାୟୀ ବିବାହ କରିଥିଲେ । ବିବାହର ମାସେ ପରେ ସ୍ୱାମୀ ଏବଂ ତାଙ୍କ ସମ୍ପର୍କୀୟ ବିଭିନ୍ନ କଥାକୁ ନେଇ ପ୍ରଥମେ ମାନସିକ ନିର୍ଯାତନା ଦେଇଥିଲେ । ତେବେ ଉଭୟ ପରିବାରଙ୍କ ମଧ୍ୟରେ ଆଲୋଚନା ମାଧ୍ୟମରେ ଆପୋଷ ସମାଧାନ ହୋଇଥିବା ବେଳେ କିଛି ଦିନ ବ୍ୟବଧାନରେ ପୁଣି ତାଙ୍କୁ ମାଡ଼ ମାରିବା ସହିତ ଅଧିକ ଯୌତୁକ ଆଣିବାକୁ ଚାପ ପକାଇ ବାରମ୍ବାର ଆକ୍ରମଣ କରୁଥିବା ଅଭିଯୋଗ କରିଛନ୍ତି ସରିତା । ଏଭଳି ଅକଥନୀୟ ନିର୍ଯାତନା ସହି ନ ପାରି ବୌଦ୍ଧ ଆଦର୍ଶ ଥାନାର ଦ୍ୱାରସ୍ଥ ହୋଇଛନ୍ତି ପୀଡ଼ିତା । ତେବେ ଆଦର୍ଶ ଥାନା ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ଥାନା ଅଧିକାରୀ ରଞ୍ଜିତ ମୁନି ସୂଚନା ଦେଇଛନ୍ତି ।

## ସରକାରୀ ବାଳକ ସ୍କୁଲରେ ତିଥିଭୋଜନ

**ତୁଷୁରା, ୧୪ ।୧୧(ସମିସ):** ସରକାରୀ ବାଳକ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ତୁଷୁରାଠାରେ ଶିଶୁ ଦିବସ ପ୍ରଧାନଶିକ୍ଷକ ହେମନ୍ତ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଛି । ଏଥିରେ ବିଶିଷ୍ଟ ସମାଜ ସଂସ୍କାରକ ରାଧାରମଣ କେଡ଼ିଆ ମୁଖ୍ୟଅତିଥି ଭାବେ ଯୋଗଦେଇ ଥିଲେ । ବିଶିଷ୍ଟ ଅତିଥିଭାବେ ସମାଜସେବୀ ଜଗଦୀଶ କେଡ଼ିଆ ଯୋଗ ଦେଇଥିବାବେଳେ ସନ୍ତୋଷ କେଡ଼ିଆ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ସମ୍ମାନିତ ଅତିଥିଭାବେ ଶ୍ୟାମ ପ୍ରସାଦ କେଡ଼ିଆ, ଗୋକୁଲ କେଡ଼ିଆ, ପଦମ୍ କେଡିଆ, ସାଉଁରିଆ କେଡ଼ିଆ, ଭକ୍ତପ୍ରସାଦ କେଡ଼ିଆ, ଉଷା କେଡ଼ିଆ ମୀରା କେଡିଆ(କ), ମୀରା କେଡ଼ିଆ (ଖ), ପ୍ରଭା କେଡିଆ, ରାଧିକା କେଡିଆ ଯୋଗ ଦେଇଥିଲେ । ସହକାରୀ ଶିକ୍ଷୟିତ୍ରୀ ରଞ୍ଜିତା ନାଗ, ବିନ୍ଦୁ ମହାଣା, ଆକାଂକ୍ଷା ରାଣୀ ଯୋଶୀ ଏବଂ ରୋଷେଇୟା ଗୀତା ଦର୍ଜୀ ଓ ଗୁଣମତୀ ମହାଲିଙ୍ଗ ସହଯୋଗ କରିଥିଲେ । ଗାୟତ୍ରୀ ପରିବାର, ବଜରଙ୍ଗ ଦଳ ଓ ପତିତପାବନ ପଡ଼ା ୟୁଥ୍ କ୍ଲବ୍ ସହଯୋଗ କରିଥିଲେ । ସହକାରୀ ଶିକ୍ଷୟିତ୍ରୀ ପ୍ରଶାନ୍ତି ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

## କଣ୍ଟାବାଞ୍ଜିରେ 'କଣ୍ଟାଫୁଲ' କାର୍ଯ୍ୟକ୍ରମ

**କଣ୍ଟାବାଞ୍ଜି, ୧୪ ।୧୧(ସମିସ):** କଣ୍ଟାବାଞ୍ଜିର ନିର୍ଝରିଣୀ ଅନୁଷ୍ଠାନ ଆନୁକୂଲ୍ୟରେ ଶିଶୁ ଦିବସ ଅବସରରେ କଣ୍ଟାଫୁଲ ଉତ୍ସବ ଓ ନିଆରା ସମ୍ପର୍କ ପିଲାଙ୍କ ମୁହଁରେ ହସ କାର୍ଯ୍ୟକ୍ରମ ସିଗନାଲ ପଡ଼ାରେ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନର ସଭାପତି ରାମଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ କଣ୍ଟାବାଞ୍ଜି ବିଜ୍ଞାପିତ ଅଞ୍ଚଳର ଉପଧ୍ୟକ୍ଷା ମନୋରମା ରାଉତ, ମୁଖ୍ୟ ଅତିଥି, ଅଧିବକ୍ତା ବିଷ୍ଣୁ ପ୍ରସାଦ ଶର୍ମା, ମୁଖ୍ୟ ବକ୍ତା, ଜ୍ୟୋସ୍ନା ରାଣୀ ବାଗ, ହେରାମ ବାଗ, ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ । କୁନିକୁନି ପିଲାମାନଙ୍କ ମଧ୍ୟରେ ପୁଚି, ନୃତ୍ୟ, ବେଲୁନ ଫୁଙ୍କା, ଅଭିନୟ ଆଦି କରାଯାଇ ପୁରସ୍କୃତ କରାଯାଇଥିଲା । ସ୍ୱାଗତ ଭାଷଣ ସହ ସମ୍ପାଦିକା ଅଞ୍ଜଳି ମାଝୀ ଓ ଉପ ସଭାପତି ସୂର୍ଯ୍ୟକାନ୍ତ ରଣା ଧନ୍ୟବାଦ ଅର୍ପଣ କରିଥିଲେ । ଥମିର ଛତ୍ରିଆ, ନରେନ୍ଦ୍ର ସୁନା, ସବିତା ରଣା ସହ ଅନ୍ୟମାନେ ସହଯୋଗ କରିଥିଲେ ।

## ନାମଯଜ୍ଞ ପାଇଁ କଳସ ଯାତ୍ରା

**ତୁଷୁରା, ୧୪ ।୧୧(ସମିସ):** ତୁଷୁରା ଏନ୍‌ଏସି ଖର୍ଡାଠାରେ ୧୬ ପ୍ରହରୀ ନାମଯଜ୍ଞ ପାଇଁ କଳସ ଯାତ୍ରା ଗୁରୁବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଛି । ଖର୍ଡାଗ୍ରାମର ଶତାଧିକ ମହିଳା ଏବଂ ପୁରୁଷମାନେ ଜଗନ୍ନାଥ ମନ୍ଦିର ଠାରେ ଏକତ୍ରିତ ହୋଇ ଘଣ୍ଟ, ଶଙ୍ଖ, କୀର୍ତ୍ତନ ଦଳ ସହିତ କଳସ ଧରି ସ୍ଥାନୀୟ ସୋନଗଡ଼ ନଦୀକୁ ଯାଇଥିଲେ । ସେଠାରେ ପୂଜକ କଳସ ପୂଜା କରିବା ପରେ ନଦୀରୁ ପାଣି ନେଇ ନଗରପରିକ୍ରମା କରିବାପରେ ପ୍ରହରୀ ମଣ୍ଡପ ଠାରେ ସ୍ଥାପନ କରିଥିଲେ । ଚଳିତବର୍ଷ କର୍ତ୍ତାଭାବେ ସୌମିତ୍ରୀ ସାହୁ ଓ ତାଙ୍କ ଧର୍ମପତ୍ନୀ ସାଧନା ସାହୁ ଦାୟିତ୍ୱ ତୁଲାଇଥିବାବେଳେ ପୂଜକ ଭାବେ ପୁରନ୍ଦର ହୋତା କାର୍ଯ୍ୟ ସମ୍ପାଦନ କରୁଛନ୍ତି ।

## ନିଖୋଜ ମହିଳାଙ୍କ ମୃତଦେହ ଉଦ୍ଧାର

**କଣ୍ଟାବାଞ୍ଜି, ୧୪ ।୧୧(ସମିସ):** ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ସହରର ୱାର୍ଡ ନଂ ୫ର ସଞ୍ଜୟ ଯୋଶୀଙ୍କ ପତ୍ନୀ କବିତା ଯୋଶୀ ଗତ ବୁଧବାର ସନ୍ଧ୍ୟାରୁ କେଉଁଆଡ଼େ ଚାଲିଯାଇଥିଲେ । ପରିବାର ଲୋକେ ବହୁ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କ ପତ୍ତା ପାଇନଥିଲେ । ଏନେଇ ପରିବାର ସାମାଜିକ ଗଣମାଧ୍ୟମରେ ତାଙ୍କ ଖବର ପାଇଲେ ଜଣାଇବାକୁ ତାଙ୍କ ସ୍ୱାମୀ ସଞ୍ଜୟ ନିବେଦନ କରିଥିଲେ । ଗୁରୁବାର ଟିଟିଲାଗଡ଼ ବିଶାଖାପଟନମ ରେଲବାଇ ଟିଟିଲାଗଡ଼ ଷ୍ଟେସନରୁ ୩ କିଲୋମିଟର ଦୂରରୁ କବିତାଙ୍କ ମୃତଦେହ ଟିଟିଲାଗଡ଼ ଜିଆରପି ପୁଲିସ ଉଦ୍ଧାର କରିଛି । ଶବ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଛି ।



## ନିମ୍ବାର୍କ ଜୟନ୍ତୀ ପାଇଁ କଳସ ଶୋଭାଯାତ୍ରା

**ବୀରମହାରାଜପୁର, ୧୪ ।୧୧ (ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ସଦର ମହକୂମା ମିନି ଷ୍ଟାଡିୟମସ୍ଥିତ ନିମ୍ବାର୍କ ନଗରରେ ହେବାକୁ ଥିବା ନିମ୍ବାର୍କ ଜୟନ୍ତୀ ସମାରୋହ ପାଇଁ ଗୁରୁବାର କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଶ୍ରୀଜଗନ୍ନାଥ ମନ୍ଦିର ବୀରମହାରାଜପୁର ପରିସରରୁ ମିନି ଷ୍ଟାଡିୟମ ଅଭିମୁଖେ ମହୋତ୍ସବର ଅଧ୍ୟକ୍ଷ ବଂଶୀଧର ଦାସ୍‌ଜୀ ମହାରାଜଙ୍କ ତତ୍ତ୍ୱାବଧାନରେ ଶତାଧିକ ମହିଳା ଓ ପୁରୁଷ ଗଙ୍ଗାଜଳ ପୂର୍ଣ୍ଣ କଳସୀ ଆଣି ଯଜ୍ଞସ୍ଥଳରେ ସ୍ଥାପନ କରିଥିଲେ । ବର୍ଦ୍ଧନୀ କଳସ ଅଧ୍ୟକ୍ଷ ନିଜେ ଧରିଥିବା ବେଳେ କର୍ତ୍ତା ନିତ୍ୟାନନ୍ଦ ତ୍ରିପାଠୀ, ଶ୍ରୀନିବାସ ମିଶ୍ର ଓ ସୁରେନ୍ଦ୍ର ପତି କରମାଲ୍ୟ କଳସ ଧାରଣ କରିଥିଲେ ।ଶ୍ରୀରାଧା କୃଷ୍ଣ ବିମାନକୁ ରମେଶ ପଣ୍ଡା, ବାଳକୃଷ୍ଣ ପୁରୋହିତ, ଆଲୋକ ହୋତା, ପ୍ରଫୁଲ୍ଲ ଦାଶ କନ୍ଧେଇ ଥିବା ବେଳେ ବିପିନ୍ ନନ୍ଦ, ଗୋପିନାଥ ଚାନ୍ଦ ଓ ବଳରାମ ପୁରୋହିତ ପ୍ରମୁଖ ପୁରାଣ ଗ୍ରନ୍ଥ ଯାନ ସହ ଶୋଭାଯାତ୍ରାରେ ସାମିଲ ହୋଇଥିଲେ । ଶୋଭାଯାତ୍ରାରେ କମିଟି ସଦସ୍ୟ ଦ୍ୱିତୀକୃଷ୍ଣ ପଣ୍ଡା, ବିପିନ ପଣ୍ଡା, ସୂର୍ଯ୍ୟ ନନ୍ଦ, ଦାମୋଦର ହୋତା, ଲକ୍ଷ୍ମଣ ପାଣ୍ଡିଆ, ଯୁଗଳ ମିଶ୍ର, ପ୍ରବୀର ଦାଶ, ଶିବ ଅଗ୍ରୱାଲ, ଦୈତାରି ମହାକୁର, ହରିଶଙ୍କର ଆଚାର୍ଯ୍ୟ, କୃଷ୍ଣଚନ୍ଦ୍ର ମିଶ୍ରଙ୍କ ସମେତ ସମସ୍ତ କମିଟି ସଦସ୍ୟ ସାମିଲ ହୋଇଥିଲେ ।କଳସ ଶୋଭାଯାତ୍ରା ନିମ୍ବାର୍କ ନଗରରେ ପହଞ୍ଚିବା ପରେ ଆଚାର୍ଯ୍ୟ ବିଜୟକୁମାର ପଣ୍ଡା ଓ ବ୍ରହ୍ମା ରାମାନୁଜ ପୂଜାହାରୀ ଷୋଡ଼ଶ ଉପଚାରରେ ପୂଜା କରି କଳସ ସ୍ଥାପନା କରିଥିଲେ ।ପୂଜା କାର୍ଯ୍ୟରେ ମନୋରଞ୍ଜନ ଦାଶ ସହଯୋଗ କରିଥିଲେ ।

## ବାଲ୍ ଗୋପାଳ ସେବା ନିକେତନରେ ଶିଶୁ ଦିବସ

**ଭବାନୀପାଟଣା, ୧୪ ।୧୧ (ସମିସ):** ବାଲ ଗୋପାଲ ସେବା ନିକେତନର ସମସ୍ତ ଶିଶୁ ଏବଂ କର୍ମଚାରୀଙ୍କ ଦ୍ୱାରା ଶିଶୁ ଦିବସ ପାଳିତ ହୋଇଯାଇଛି । ଏହି ପବିତ୍ର ଅବସରରେ ମୁଖ୍ୟ ଅତିଥି ଭାବେ ଶିଶୁ ମଙ୍ଗଳ ସମିତି ଅଧ୍ୟକ୍ଷ ରୂପେଶ ହୋତା, ମୁଖ୍ୟ ବକ୍ତା ଭାବେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶୈଳେନ୍ଦୁ ଶେଖର ମହାପାତ୍ର, ସମ୍ମାନିତ ଅତିଥି ଭାବେ ବନବାସୀ ସେବା ସମିତି ଶିଶୁ ଯତ୍ନ ଅନୁଷ୍ଠାନର ଅନ୍ତେବାସୀ ରୋମିଓ ନାଏକ, ସମ୍ମାନିତ ବକ୍ତା ଭାବେ ନେହେରୁ ସେବା ସଂଘ ଶିଶୁ ଯତ୍ନ ଅନୁଷ୍ଠାନର ଅନ୍ତେବାସୀ ଈଶା ଦୁର୍ଗା ଯୋଗ ଦେଇଥିଲେ । ଏହି ଅବସରରେ ଶିଶୁମାନଙ୍କ ଦ୍ୱାରା ଏକ ଚିତ୍ରକଳା ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା । ଶିଶୁ ଅନ୍ତେବାସୀମାନଙ୍କ ମଧ୍ୟରେ ଗୋବିନ୍ଦ ଦାସ, ଦୀନବନ୍ଧୁ ଶବର, ରାଜକୁମାର ନାଏକ ନିଜ ନିଜର ବକ୍ତବ୍ୟ ଉପସ୍ଥାପନ କରିଥିଲେ । ଶିଶୁମାନଙ୍କ ମଧ୍ୟରେ କୁଇଜ, ଚିତ୍ରାଙ୍କନ, ସଙ୍ଗୀତ, ବକ୍ତୃତା ପ୍ରତିଯୋଗିତା ହୋଇଥିଲା । ଅନୁଷ୍ଠାନର କନିଷ୍ଠ ଅନ୍ତେବାସୀ ବାବୁଲି ମାଝି ସଭାରେ ଅଧ୍ୟକ୍ଷତା କରିଥିବାବେଳେ ଅନ୍ତେବାସୀ ଗୋବିନ୍ଦ ଦାସ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ବିଜେଡିର ବୈଠକ ଓ ସଭ୍ୟ ସଂଗ୍ରହ ଅଭିଯାନ



**କେସିଙ୍ଗା/ଗାଇଗାଁ, ୧୪ ।୧୧(ସମିସ)**

ଭବାନୀପାଟଣା ନିର୍ବାଚନ ମଣ୍ଡଳୀର ପାଷ୍ଟିକୁଡିରେ ବିଜେଡିର ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ସଭ୍ୟ ସଂଗ୍ରହ ଅଭିଯାନ ପାଇଁ କର୍ମୀମାନଙ୍କୁ ନେଇ ସଭା ଅନୁଷ୍ଠିତ ହେଇଯାଇଛି । ପୂର୍ବତନ ବିଧାୟକ ଦୁଷ୍ମନ୍ତ ନାଏକ, ଜିଲ୍ଲା ସଭାନେତ୍ରୀ ଲଳିତା ନାଏକ, ବଦ୍ରିନାରାୟଣ ପଟ୍ଟନାୟକ, ଜିଲ୍ଲା ଯୁବ ସଭାପତି ଆଦିତ୍ୟ ନନ୍ଦ, ଜିଲ୍ଲା ସାଧାରଣ ସମ୍ପାଦକ ଯଯାତି କେଶରୀ ନାୟକ, ପ୍ରଶାନ୍ତ ନାଏକ, ଭବାନୀପାଟଣା ନିର୍ବାଚନ ମଣ୍ଡଳୀ ସଭାପତି ସୁରେନ୍ଦ୍ର ପ୍ରଧାନ, ସଦର ବ୍ଲକ ସଭାପତି ପ୍ରେମ ରଞ୍ଜନ ପାଣିଗ୍ରାହୀ, ଯୁବ ନେତା ଦିନେଶ ବଗର୍ତ୍ତି, ସଦର ବ୍ଲକ ଜୋନ ୨ ଜିଲ୍ଲା ପରିଷଦ ସଭ୍ୟ ଦୟାନିଧି ନାଏକ, କେସିଙ୍ଗା ଜୋନ ନଂ ୨ ଜିଲ୍ଲା ପରିଷଦ ସଭ୍ୟ ନରୋତ୍ତମ ଭାଟି, କେସିଙ୍ଗା ବ୍ଲକ ସଭାପତି କୁମୁଦ ବଗର୍ତ୍ତି, କେସିଙ୍ଗା ବ୍ଲକ ଜୋନ ୩ ସଭାପତି ବିଜୟ ସାହୁ ଏବଂ କେସିଙ୍ଗା ବ୍ଲକର ୧୭ଟି ପଞ୍ଚାୟତ ସଭାପତି ଏବଂ ସଦର ବ୍ଲକ ୨୮ଟି ପଞ୍ଚାୟତ ସଭାପତି ଏବଂ ସମସ୍ତ ବିଜୁ ଜନତା ଦଳର କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ରହି ସଭ୍ୟ ସଂଗ୍ରହ ବିଷୟରେ ଆଲୋଚନା କରିଥିଲେ ।

## ପବ୍ଲିକ୍ ସ୍କୁଲରେ ବିଜ୍ଞାନ ମେଳା ଓ ଶିଶୁ ଦିବସ

**ବଲାଙ୍ଗିର, ୧୪ ।୧୧(ସମିସ):** ବଲାଙ୍ଗିର ପବ୍ଲିକ୍ ସ୍କୁଲ୍ ପରିସରରେ ବିଜ୍ଞାନମେଳା ଅନୁଷ୍ଠିତ ହୋଇଛି । ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପ୍ରସ୍ତୁତ ପ୍ରାୟ ୧୬୦ ପ୍ରକଳ୍ପ ସ୍ଥାନ ପାଇଥିଲା । ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ବିରେନ୍ଦ୍ର କୁମାର ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ପଣ୍ଡିତ ଜବାହାରଲାଲ ନେହେରୁଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ପରେ ପରେ ବିଜ୍ଞାନ ମେଳାକୁ ଉଦ୍‌ଘାଟନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପରିଚାଳନା କମିଟିର ସମ୍ପାଦକ ଗୋପାଳ କ୍ରିଷ୍ଣା ସିଂହଦେଓ, କୋଷାଧ୍ୟକ୍ଷ ଆଲୋକ ରଞ୍ଜନ ବେଦବାକ୍, ସଭ୍ୟ ଶିରିଶ ଚନ୍ଦ୍ର ହୋତା, ବାଦଲ ମହାକୁର, ସଞ୍ଜୀବ ସାହୁ ପ୍ରମୁଖ ଯୋଗଦେଇ ଥିଲେ । ବିଜ୍ଞାନ ମେଳାରେ ବିଚାରକ ଭାବରେ ଶିବ ତ୍ରିପାଠୀ, ଆନନ୍ଦ କୁମାର ସାହୁ, ଦିବ୍ୟ ସିଂ ସାହୁ, ଜୟନ୍ତ ମେହେର, ସମ୍ବିତ୍ ଥନାପତି ଓ ଇଲ୍ଲାମୟି ପଟ୍ଟନାୟକ ଯୋଗଦେଇଥିଲେ । ବିଦ୍ୟାଳୟ ଅଧ୍ୟକ୍ଷ ସତିସ୍ ପଧାନଙ୍କ ନେତୃତ୍ୱରେ ସମସ୍ତ ଶିକ୍ଷକ-ଶିକ୍ଷିକା ଓ ସମସ୍ତ କର୍ମଚାରୀ ଯୋଗଦେଇ ଥିଲେ ।

